ସକାଳ THE SAKALA



# ପାଳଗଦାରୁ ବୋମା ଜବତ



କଣାସ,୧୯।୧୨(ସମିସ): କଣାସ ଗ୍ରାମର କେଦାର ସାହୁଙ୍କ ପାଳ ଗଦାରୁ ଗୁରୁବାର ପୁଲିସ୍ ଦୁଇଟି ବୋମା ଜବତ କରି ନିଷ୍କ୍ରିୟ କରିଛି । ଘର ପଛପଟେ ଥିବା ପାଳଗଦାରୁ କେଦାର ଗାଈଗୋରୁଙ୍କ ଖାଇବା ପାଇଁ ପାଳ କାଢୁଥିବା ବେଳେ ତା' ଭିତରେ ଦୁଇଟି ବୋମା ରଖାଯାଇଥିବା ଦେଖି କଣାସ ପୁଲିସ୍‌କୁ ଖବର ଦେଇଥିଲେ । ପୁଲିସ ଆସିବା ପୂର୍ବରୁ ଗ୍ରାମର ସନ୍ତୋଷ ମଲ୍ଲିକ ବୋମା ଉପରେ ପାଣି ଢାଳି ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବୋମା ଦୁଇଟି ଜବତ କରି ସେଠାରେ କିଏ କେଉଁ ଉଦ୍ଦେଶ୍ୟରେ ବୋମା ରଖିଲା ସେ ନେଇ ତଦନ୍ତ ଚଳାଇଛି ।

# ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଆଡ୍‌ମିଟ୍ କାର୍ଡରେ ତ୍ରୁଟି

## ■ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାରଣଦର୍ଶାଅ ନୋଟିସ୍

ଡେଲାଙ୍ଗ,୧୯ ।୧୨(ସମିସ):

ଡେଲାଙ୍ଗ ବ୍ଲକର ରାଧାକାନ୍ତ ବିଦ୍ୟାପୀଠ ଓ ବେରବୋଇ ଉଚ୍ଚ ବିଦ୍ୟାଳୟ ପରିସରରେ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ରାଧାକାନ୍ତ ବିଦ୍ୟାପୀଠରେ ୧୦୯ ଓ ବେରବୋଇ ବିଦ୍ୟାଳୟରେ ୧୧୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ହେଲେ ଆଡମିଟ୍ କାର୍ଡରେ ପିଲାଙ୍କ ପରୀକ୍ଷା ୧୦ଟାରୁ ଆରମ୍ଭ ହୋଇ ୧୨ଟାରେ ଶେଷ ହେବ ବୋଲି ଲେଖାଯାଇଥିବା ବେଳେ ୧୧ଟା ରେ ପରୀକ୍ଷା ଆରମ୍ଭ ହେବ ବୋଲି ସେଣ୍ଟର କର୍ତ୍ତୃପକ୍ଷ କହିଥିଲେ। ବିଇଓ ଅଫିସ୍ ତ୍ରୁଟି ଯୋଗୁ ଆଡମିଟ୍ କାର୍ଡରେ ଥିବା ସମୟରେ ପରୀକ୍ଷା ନ ହୋଇ ୧ଘଣ୍ଟା ପରେ ପରୀକ୍ଷା ହେବାକୁ ନେଇ ଅଭିଭାବକମାନେ ହୋହାଲ୍ଲା କରିଥିଲେ। ଖବର ପାଇ ସିଆରସିସି ଓ ଏବିଇଓ ଘଟଣାସ୍ଥଳରେ ପହଞ୍ଚି ତ୍ରୁଟି ସ୍ୱୀକାର କରିବା ସହିତ ପରୀକ୍ଷା ପୂର୍ବ ଦିନରୁ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସମୟ ପରିବର୍ତ୍ତନ ସମ୍ପର୍କରେ ଜଣାଇ ଦିଆଯାଇଥିଲା। ହେଲେ ଶିକ୍ଷକମାନେ ଅଭିଭାବକମାନଙ୍କୁ ଖବର ଦେବାରେ ହେଳା କରିଛନ୍ତି। ଯାହାଫଳରେ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଥିଲେ। ଏନେଇ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ ଶିକ୍ଷକମାନଙ୍କୁ କାରଣଦର୍ଶାଅ ନୋଟିସ କରିଥିବା ଜଣାପଡିଛି।

# ୭ରୁ ଧାନ କ୍ରୟ ଆରମ୍ଭ; ଚାଷୀ ସଚେତନତା ରଥ ଗାଁ ଗାଁ ବୁଲିଲା



ନିମାପଡ଼ା,୧୯।୧୨ (ସମିସ): ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏକ ଚାଷୀ ସଚେତନତା ରଥ ଗାଁ ଗାଁ ବୁଲି ଚାଷୀ ମାନଙ୍କୁ ସଚେତନ କରାଉଛି। ଚାଷୀ ମାନେ କିଭଳି ସହଜରେ ସେମାନଙ୍କ ଧାନ ମଣ୍ଡିରେ ଦେଇ ପାରିବେ ସେ ଦିଗରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରାଯାଉଛି। ଧାନ ପରିଷ୍କାର ଥିବା ସହିତ ଏଫ୍‌ଏକ୍ୟୁ ମାନର ହୋଇଥିବା ଆବଶ୍ୟକ। ଅଳିଆ, ଆବର୍ଜନା ମୁକ୍ତ ନ ଥିଲେ ଆବଶ୍ୟକ ସହାୟକ ମୂଲ୍ୟ ମିଳିବାରେ ଅସୁବିଧା ହେବ। କମିଟି ସମ୍ପାଦକ ସୁଶାନ୍ତ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ହିସାବ ନିରୀକ୍ଷକ ବିଜୟ କୁମାର ସ୍ୱାଇଁ, କନିଷ୍ଠ କିରାଣୀ ଅମିୟ ନାୟକ ଓ ଅନୁଚରଣ ପାତ୍ର ପ୍ରମୁଖ ସଚେତନତା ରଥରେ ବିଭିନ୍ନ ଗାଁକୁ ଯାଇ ଚାଷୀ ମାନଙ୍କୁ ସଚେତନ କରୁଛନ୍ତି। ଡଭାର, ରାହାଙ୍ଗ ଗୋରଡା, ହଂସପଡା, ଡେଣୁଅ, ଧଳେଶ୍ୱର, ନୂଆସନ୍ଥ, ଉଚ୍ଛୁପୁର ଆଦି ବିଭିନ୍ନ ଗ୍ରାମରେ ସଚେତନତା ରଥ ପରିକ୍ରମା କରିଛି। ମଣ୍ଡିରେ ଧାନ ଦେବା ପାଇଁ ଅନଲାଇନ ପଞ୍ଜିକରଣ ଅବଧି ଶେଷ ହୋଇଥିବା ବେଳେ ଚାଷୀ ମାନେ ଆସନ୍ତା ୭ ତାରିଖରେ ମଣ୍ଡିରେ ଧାନ ବିକ୍ରି ପାଇଁ ସ୍ଥିରୀକୃତ ହୋଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ସରସ୍ୱତୀ ଶିଶୁ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ



ବଳଙ୍ଗା,୧୯।୧୨ (ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ବାଲିଘାଇ ଛକ ନିକଟରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ପରିଚାଳନା କମିଟିର ସଭାପତି ଜୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବାଲିପାଟଣା ସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କ୍ଷିରୋଦ କୁମାର ରାୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ନିମାପଡ଼ା ସଙ୍କୁଳର ସଭାପତି ବାବୁଲି ମହାପାତ୍ର, ପରିଚାଳନା କମିଟିର ସମ୍ପାଦକ ପ୍ରମୋଦ କୁମାର ସାହୁ ଓ ସଭାପତି ଜୟନାରାୟଣ ଦାଶ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ବଣ୍ଟନ କରିଥିଲେ। ରାଜ୍ୟସ୍ତରୀୟ ଖେଳକୁଦରେ କୃତିତ୍ୱ ଅର୍ଜନ କରି ସ୍ୱର୍ଣ୍ଣପଦକ ପ୍ରାପ୍ତ ମେହକ ନସରିନକୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଦିକ୍ଷୀତ ବିବରଣୀ ପାଠ ଓ ଆଚାର୍ଯ୍ୟ ସତ୍ୟବ୍ରତ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ବାସନ୍ତୀ ସାହୁ ସଂଯୋଜନା କରିଥିଲାବେଳେ ମନ୍ତ୍ରପାଠ, ଗୁରୁବନ୍ଦନା ଓ ସରସ୍ୱତୀ ବନ୍ଦନା ଗାନ କରିଥିଲେ ଆଚାର୍ଯ୍ୟା ସୋନାଲି ସାହୁ।

# ପ୍ରବାସୀ ଭାରତୀୟଙ୍କ ଗସ୍ତ ନେଇ ସଜେଇ ହେଉଛି ସାତପଡ଼ା

କୃଷ୍ଣପ୍ରସାଦ,୧୯।୧୨(ସମିସ): ନବବର୍ଷ ଅବସରରେ ପ୍ରବାସୀ ଭାରତୀୟ ମାନେ ଓଡିଶାର ୩୧ ଗୋଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ଗସ୍ତ କରିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ ଅଧିନ ସାତପଡ଼ା ପର୍ଯ୍ୟଟନସ୍ଥଳୀ ଅନ୍ୟତମ। ସାତପଡ଼ା ପର୍ଯ୍ୟଟନ ସ୍ଥଳୀ ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଥିବା ଜଣାପଡିଛି। ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତାର ଦୁଇ ପାଶ୍ୱର୍ ସଫେଇ କରାଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। ସାତପଡ଼ାରେ ବିଦେଶାଗତ ପକ୍ଷୀଙ୍କ ବିଚରଣ ସହ ଚିଲିକାର ନୀଳ ଜଳରାଶିରେ ଡ଼ଲଫିନଙ୍କ ଜଳକ୍ରୀଡା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ଏ ପରିପ୍ରେକ୍ଷୀରେ ପ୍ରବାସୀ ଭାରତୀୟ ମାନେ ସାତପଡ଼ା ଅଞ୍ଚଳକୁ ପରିଦର୍ଶନକୁ ଆସୁଥିବା ପରିପ୍ରେକ୍ଷୀରେ ସାତପଡ଼ା ଏବେ ନୂଆ ରୂପରେ ଶୋଭା ପାଇବାକୁ ଯାଉଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ବେହେରା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମନୋଜ ଭି ନାୟର, ଅତିରିକ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅମ୍ଳାନ ନାୟକ, ସହକାରୀ ଯନ୍ତ୍ରୀ ମଙ୍ଗୁଳି ଚରଣ ରାଉତ, କନିଷ୍ଠ ଯନ୍ତ୍ରୀ ଡମ୍ବରୁଧର ବିଶ୍ୱାଳ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା, ଓଟିଡିସି



ଜେନରାଲ ମ୍ୟାନେଜର ଲଲାଟେନ୍ଦୁ ସାହୁଙ୍କ ସହ ବରିଷ୍ଠ ଅଧିକାରୀ ମାନେ ସାତପଡ଼ା ଅଞ୍ଚଳକୁ ଗସ୍ତରେ ଆସି ଚାଲୁ ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକର ସମୀକ୍ଷା କରିଛନ୍ତି। ସେହିପରି ପ୍ରବାସୀ ଭାରତୀୟଙ୍କ ଆଗମନକୁ ନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ପରିଲକ୍ଷିତ ହୋଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ କୃଷ୍ଣପ୍ରସାଦ ବିଡ଼ିଓ ଅମିୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ପିରିଜିପୁର ପଞ୍ଚାୟତ ସରପଞ୍ଚ ଇଂ ମଳୟ କୁମାର ଜେନା, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, କନିଷ୍ଠ ଯନ୍ତ୍ରୀ ପଙ୍କଜରାଜ ମିଞ୍ଜ, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସ୍ୱାଇଁ, ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶରତ ଜାନି, ବନପାଳ ସୁଜିତ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# କଣାସ ଥାନାର ନୂତନ ଆଇଆଇସି

କଣାସ,୧୯।୧୨(ସମିସ): କଣାସ ଥାନାରେ ନୂତନ ଆଇଆଇସି ଭାବେ ପ୍ରଦୀପ କୁମାର ଜୁଝାରସିଂହ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ଜୁଝାରସିଂହ ଭୁବନେଶ୍ୱର କ୍ୟାପିଟାଲ ଥାନାରେ କାର୍ଯ୍ୟରତ ଥିଲେ। ସେ ପୂର୍ବରୁ ଡେଲାଙ୍ଗ ଓ ପିପିଲି ଥାନାରେ କାର୍ଯ୍ୟ କରୁଥିବାରୁ କଣାସ ଅଞ୍ଚଳ ସହ ଓତପ୍ରୋତ ଭାବେ ଜଡିତ। ଗରିବ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ମିଳିବା ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଉପଯୁକ୍ତ ଧ୍ୟାନ ଦେବେ ବୋଲି ନୂତନ ଆଇଆଇସି କହିଛନ୍ତି। ପୂର୍ବରୁ ଥିବା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କର ଯାଜପୁର ଜିଲ୍ଲାକୁ ବଦଳି ହୋଇଛି। ଏହି ଅବସରରେ ମଦରବସ୍ତଠାରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପିପିଲି ଏସ୍‌ଡିପିଓ ବିଷ୍ଣୁଚରଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସଭାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁମୋହନ ପତି, ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁଶେଖର ଗିରି, ପୂର୍ବତନ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସମାଜସେବୀ ହାଡିବନ୍ଧୁ ପାଢୀ, ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ଶ୍ରୀକାନ୍ତ ପଟ୍ଟଯୋଷୀ, ସମୀରକେଶରୀ ବଳିୟାରସିଂହ, ସୁଜିତ୍ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପତି ବିଦାୟୀ ଆଇଆଇସିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ■ ଦୁର୍ଘଟଣାରେ ସାମ୍ବାଦିକ ଗୁରୁତର

# କାମ ଦେଲାନି ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା କାର୍ଡ

ଡେଲାଙ୍ଗ,୧୯।୧୨(ସମିସ): ଡେଲାଙ୍ଗ ବ୍ଲକର ଜନୈକ ସାମ୍ବାଦିକ ରଶ୍ମିରଞ୍ଜନ ପ୍ରଧାନ ମଙ୍ଗଳବାର ସକାଳେ ଖବରକାଗଜ ବିତରଣ କରୁଥିବା ସମୟରେ ପଛପଟୁ ଏକ ସ୍କୁଟି ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ମୁର୍ମୂଷୁ ଅବସ୍ଥାରେ ସ୍ଥାନୀୟ ଲୋକେ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଭୁବନେଶ୍ୱର ୬ ନମ୍ବର ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ତେବେ ୪୦ କିମି ଯିବା ପରେ ଅତ୍ୟଧିକ ଯନ୍ତ୍ରଣା ଓ ରକ୍ତସ୍ରାବ ହେବାରୁ ପରିବାର ପକ୍ଷରୁ ଭୁବନେଶ୍ୱର ଲୁଇସ ରୋଡସ୍ଥ ଘରୋଇ ଡାକ୍ତରଖାନା ଶ୍ରୀ ହସ୍ପିଟାଲ ନେବାକୁ ବାଧ୍ୟ ହୋଇଥିଲେ। ଦୁର୍ଘଟଣାରେ ରଶ୍ମୀରଞ୍ଜନଙ୍କ ନଳିଗୋଡ, ଗୋଇଠି ଓ ଡାହାଣ ହାତରେ ଶକ୍ତ ଧକ୍କା ଲାଗିଥିବା ବେଳେ ହାଡ ମଧ୍ୟ ଭାଙ୍ଗିଯାଇଛି। ଶ୍ରୀ ହସପିଟାଲରେ ସାମ୍ବାଦିକ ପରିଚୟପତ୍ର ସହ ସରକାରୀ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରି କ୍ୟାସଲେସ୍ ଚିକିତ୍ସା ପାଇଁ ଅନୁରୋଧ କରିବା ସତ୍ତ୍ୱେ ଡାକ୍ତରଖାନା କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ କାର୍ଡ ମାଧ୍ୟମରେ ଚିକିତ୍ସା କରାଯାଇ ପାରିବ ନାହିଁ ବୋଲି କହିଥିଲେ। ରୋଗୀର ଅବସ୍ଥା ଗୁରୁତର ଥିବାରୁ ସେଠାରୁ ସରକାରୀ ଡାକ୍ତରଖାନା ନେବା ମଧ୍ୟ ସମ୍ଭବ ହୋଇ ନ ଥିଲା। ପରିବାର ପକ୍ଷରୁ ଧାର ଉଧାରକରି ୨୦ ହଜାର ଟଙ୍କା ପୈଠ କରିବାରେ ତାଙ୍କର ଚିକିତ୍ସା ହୋଇଥିଲା। ପରବର୍ତ୍ତୀ ଚିକିତ୍ସା ପାଇଁ ଦୈନିକ ୭ ହଜାର ଟଙ୍କା ଦେବାକୁ କର୍ତ୍ତୃପକ୍ଷ ଦାବି କରିଥିଲେ। ପୀଡ଼ିତ ସାମ୍ବାଦିକଙ୍କ ପରିବାର ଲୋକେ ଅର୍ଥ ଯୋଗାଡ କରି ନ ପାରିବାରୁ ରଶ୍ମିଙ୍କୁ ମଙ୍ଗଳବାର ରାତିରେ ଘରକୁ ନେଇ ଆସିବାକୁ ବାଧ ହୋଇଛନ୍ତି। ଏହି ଘଟଣା ସାମ୍ବାଦିକ ମହଲରେ କ୍ଷୋଭ ସୃଷ୍ଟି କରିଛି। ରାଜ୍ୟ ସରକାର ସଂପୃକ୍ତ ଡାକ୍ତରଖାନା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୈଠ ହୋଇଥିବା ଅର୍ଥ ଫେରସ୍ତ କରିବା ପାଇଁ ଡେଲାଙ୍ଗ ପ୍ରେସ କ୍ଲବର ସଭାପତି ପ୍ରସନ୍ନ ତ୍ରିପାଠୀ, ସମ୍ପାଦକ ଦିଲୀପ କୁମାର ଧାଉଡିଆ, ସହକାରୀ ସମ୍ପାଦକ ଚିତ୍ତରଞ୍ଜନ ଜେନା, ଉପସଭାପତି ବିଜୟମିଶ୍ର, ପ୍ରଦୀପ ରଞ୍ଜନ ବିଶ୍ୱାଳ, ବିଜୟ ମହାପାତ୍ର, ଅନିମା ମିଶ୍ର ପ୍ରମୁଖ ଦାବି କରିଛନ୍ତି।

# ନିମାପଡ଼ା ପ୍ରେସ୍ କ୍ଲବ୍ ଜମି ଚିହ୍ନଟ ଏବଂ ଅଧିଗ୍ରହଣ

ନିମାପଡା,୧୯।୧୨(ସମିସ): ନିମାପଡା ପ୍ରେସ୍ କ୍ଲବ ନାମରେ ଥିବା ଜାଗା ମାପଚୁପ କରାଯାଇ ଚିହ୍ନଟ ହେବା ପରେ ଅଧିଗ୍ରହଣ କରାଯାଇଛି। ନିମାପଡା ଏନଏସି ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ ନିକଟରେ ନିମାପଡା ପ୍ରେସ କ୍ଲବ ନାମରେ ଥିବା ଜମିକୁ ଗୁରୁବାର ତହସିଲ ଅମିନ, ସ୍ଥାନୀୟ ଆରଆଇ ଓ ନିମାପଡା ପୁଲିସ ସହାୟତାରେ ମାପଚୁପ କରାଯାଇ ଜମି ଚିହ୍ନଟ କରାଯାଇ ତାରବାଡ ଘେରା ଯାଇଛି। ଏହି ମାପ ସମୟରେ ନିମାପଡା ପ୍ରେସ କ୍ଲବର ସଭାପତି ରଞ୍ଜନ କୁମାର ପଟ୍ଟନାୟକଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତଥିଲେ।



# ତୃତୀୟ ଶ୍ରେଣୀର ୨୬୮ ଜଣ ଛାତ୍ରଛାତ୍ରୀ ଦେଲେ ମେଧାବୃତ୍ତି ପରୀକ୍ଷା

କଣାସ,୧୯।୧୨(ସମିସ): କଣାସ ବ୍ଲକର ଦୁଇଟି କେନ୍ଦ୍ରରେ ଗୁରୁବାର ୨୬୮ ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି । କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୬୯ ଜଣ ଓ ଜଙ୍କିଆ ଗଡସାହି ବିଦ୍ୟାନିକେତନରେ ୯୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ୬ ଜଣ ପରୀକ୍ଷାର୍ଥି ଅନୁପସ୍ଥିତ ଥିଲେ। ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ବିନୋଦ ବିହାରୀ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ପରି.ଳନା କରାଯାଇଥିଲା।

# କଦମ୍ବପାଟଣା ସ୍କୁଲରେ ୬୫ ପିଲା ବୃତ୍ତି ପରୀକ୍ଷା ଦେଲେ

ନୟାହାଟ,୧୯।୧୨(ସମିସ): ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଅଞ୍ଚଳର ଇସାଣପୁର ପଞ୍ଚାୟତ କଦମ୍ବ ପାଟଣା ୟୁଜିଏମଇ ସ୍କୁଲରେ ଗୁରୁବାର ତୃତୀୟ ଶ୍ରେଣୀର ୬୫ ଛାତ୍ରଛାତ୍ରୀ ବୃତ୍ତି ପରୀକ୍ଷା ଦେଇଛନ୍ତି। ଏଥିରେ ଜଗନ୍ନାଥ, ଦେସ୍ଥଳି, ସୀଙ୍ଗପାନିଆଁ, ବରିମୁଣ୍ଡ, କଦମ୍ବ ପାଟଣା କ୍ଲଷ୍ଟରର ପିଲା ପରୀକ୍ଷା ଦେଇଥିଲେ ବୋଲି ସିଆରସିସି ଅରବିନ୍ଦ ସାହୁ ସୂଚନା ଦେଇଛନ୍ତି। ଗୋପ ବ୍ଲକ ଏବିଇଓ ଅଶୋକ ବେହେରା ପରୀକ୍ଷା ପରିଚାଳନା କରିଥିଲେ ।

# ବିଜେପିର କର୍ମୀ ବୈଠକ

ଚାରିଛକ,୧୯।୧୨ (ସମିସ): ନିମାପଡା ବ୍ଲକ ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତରେ ନିମାପଡା ବିଧାୟିକା ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶରେ ସଭାପତି ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବିଜେପି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ୟାମ ସୁନ୍ଦର ନାୟକ, ଜଗତସିଂହପୁର ସାଂସଦଙ୍କ ନିମାପଡା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ଭକ୍ତବନ୍ଧୁ ବିଶ୍ୱାଳ, କୃଷ୍ଣଚନ୍ଦ୍ର ନାୟକ, ଉକ୍ତ ପଞ୍ଚାୟତ ପ୍ରଭାରୀ ଧୁଳ ସାହୁ, ମଣ୍ଡଳର ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି ଯୋଗ ଦେଇଥିଲେ। ଏହି ବୈଠକରେ ଜ୍ୟୋତିରଞ୍ଜନ ପାତ୍ର, ଭାଗିରଥି ମଲ୍ଲିକ, ଦେବନ୍ଦ୍ର ବାରିକ, ବାବୁରାମ ପାତ୍ର, ଦୁଃଶାସନ ପାତ୍ର, ଗଣେଶ ନାୟକ, ମାଧବ କାଣ୍ଡି, ନରିଆ ଲେଙ୍କା, ଅକ୍ଷୟ ଭୋଇ, ସଞ୍ଜୟ ଭୋଇ, ବିପିନ ଭୋଇ, ବିନୋଦ ବେହେରା, କାଶୀନାଥ ଚଇନୀ ଓ କୁମର ଭୋଇଙ୍କ ସମେତ ମହିଳା ଓ ପୁରୁଷ କର୍ମୀ ଯୋଗ ଦେଇଥିଲେ।

# ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

କଣାସ,୧୯।୧୨(ସମିସ): କଣାସ ପଞ୍ଚାୟତ ସଭାଗୃହରେ ମଙ୍ଗଳବାର ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଣାସ ବିଡିଓ ନାରାୟଣ ସାହୁ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, କଣାସ ତହସିଲଦାର ହିମାଂଶୁଶେଖର ଗିରି, ସିଡିପିଓ ସ୍ମିତା ମହାନ୍ତି ଯୋଗଦେଇ ଶିଶୁମାନଙ୍କ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ଦରକାର, ବାଲ୍ୟ ବିବାହକୁ ରୋକିବାପାଇଁ ସମସ୍ତ ଜନପ୍ରତିନିଧି, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ସଚେତନ ରହିବାପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଗାଁ ଗହଳିରେ ଲୋକ ପ୍ରତିନିଧି କିମ୍ବା ଅଙ୍ଗନବାଡି କର୍ମୀ, ଆଶାକର୍ମୀ କୌଣସି ବାଲ୍ୟବିବାହ ସମ୍ପର୍କରେ ଖବର ପାଆନ୍ତି କୌଣସି ଠାରେ ଶିଶୁଟିଏ ଅବହେଳିତ ଅବସ୍ଥାରେ ଖବର ପାଆନ୍ତି ତୁରନ୍ତ ବିଡିଓ, ଥାନା, ସିଡିପିଓ, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ଜଣାଇବା ପାଇଁ ଅତିଥି ମାନେ ସୂଚନା ଦେଇଥିଲେ।

## ■ ପ୍ରସ୍ତୁତି ବୈଠକ ଓ ନୂତନ କମିଟି ଗଠନ

# ଫେବୃୟାରୀ ୧୪ରୁ ସତ୍ୟବାଦୀ ମହୋତ୍ସବ



ସାକ୍ଷୀଗୋପାଳ, ୧୯।୧୨(ସମିସ):

ଫେବୃଆରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ସତ୍ୟବାଦୀ ମହୋତ୍ସବ ଅନୁଷ୍ଠିତ ହେବ। ଏ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସହ ନୂତନ କମିଟି ଗଠନ କରାଯାଇଛି। ଏହି କମିଟିରେ ସଭାପତି ଭାବେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ରହିଥିବା ବେଳେ ଉପସଭାପତି ଭବାନୀଶଙ୍କର ନନ୍ଦ ରହିଛନ୍ତି। ସମ୍ପାଦକ ଦୀପକ ଶତପଥୀ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ନାୟକ, ସାଂସ୍କୃତିକ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ, ସଂଯୋଜକ ଭାବେ ଜାନକୀ ବଲ୍ଲଭ ବରାଳଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ଅନ୍ୟ ବର୍ଷ ଅପେକ୍ଷା ପ୍ରଥମ ଦିନରେ ପଞ୍ଚସଖାଙ୍କ ଜ୍ୟୋତିଯାତ୍ରା ମୁଖ୍ୟ ଆକର୍ଷଣ ସାଜିବ ବୋଲି ବିଧାୟକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କଳାକାର ମାନେ ଏହି ମହୋତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ସମ୍ପାଦକ ଶ୍ରୀ ଶତପଥି କହିଛନ୍ତି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ

### ମୁଖ୍ୟ ଆକର୍ଷଣ ସାଜିବ ପଞ୍ଚସଖାଙ୍କ ଜ୍ୟୋତିଯାତ୍ରା

ରଞ୍ଜନ କୁମାର ବରାଳ, ପ୍ରଦ୍ୟୁମ୍ନ ଶତପଥି, ଶରତ ମହାପାତ୍ର, ପୁଣ୍ୟଶ୍ଳୋକ ସ୍ୱାଇଁ, ରବି ପ୍ରଧାନ, ପ୍ରାଚୁର୍ଯ୍ୟ ହୋତା, ବସନ୍ତ ରାଉତରାୟ, ତ୍ରିଲୋଚନ ରଥ ଓ ଦେବକିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଅଟାକଳ ପାଇଁ ମିଳିଛି ବିଦ୍ୟୁତ ସଂଯୋଗ

# ରାତିରେ ଚାଲୁଛି ବେଆଇନ କରତ କଳ

କୁଣ୍ଢେଇ,୧୯ ।୧୨(ସମିସ): ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ ବେଆଇନ ଭାବେ ୪/୫ଟି କରତ କଳ ଚାଲିଛି। ସନ୍ଧ୍ୟା ପରେ ସେଗୁଡ଼ିକରେ କାଠ ଚିରା ହେଉଛି। ସବୁଠୁ ବୈଚିତ୍ର୍ୟର ଦିଗଟି ହେଉଛି ଅଟା କଳ ପାଇଁ ବିଦ୍ୟୁତ ସଂଯୋଗ ଆଣି ସେଠାରେ କରତ କଳ ଚାଲିଛି। ବାଜପୁର ଗ୍ରାମରେ ତଥା ଏହାର ଆଖପାଖ ଅଞ୍ଚଳରେ ଥିବା କରତ କଳ ଗୁଡ଼ିକ ବେଆଇନ ଭାବେ ଚାଲୁଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ବନ ବିଭାଗ ପକ୍ଷରୁ ଆଖିଦୃଶିଆ ଚଢ଼ଉ କରାଯାଉଥିଲେ ହେଁ କରତ କଳ ମାଲିକଙ୍କ ଉପରେ ସେପରି କୌଣସି ପ୍ରଭାବ ପଡୁନାହିଁ। ବେଆଇନ କରତ କଳ ଚଲାଉଥିବା ଲୋକ ଅତି ଚତୁରତାର ସହ ରାତିରେ କାଠ ଚିରା କାମ ଆରମ୍ଭ କରି ସକାଳ ହେବା ପୂର୍ବରୁ ସେଠାରୁ ଯନ୍ତ୍ରାଂଶ ଖୋଲି ଅନ୍ୟତ୍ର ନେଇଯାଉଛନ୍ତି। ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ କାଠ ଯୋଗାଇବା ପାଇଁ ଅସ୍ତରଙ୍ଗ ବନାଞ୍ଚଳ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଝାଉଁ ଗଛ କଟାଯାଇ ପ୍ରତିଦିନ ଟ୍ରକ୍ ଯୋଗେ କାଠ ପୁରୀ ସ୍ୱର୍ଗ ଦ୍ୱାର ଯାଉଥିବା ଦେଖିବାକୁ ମିଳୁଛି। ଅନ୍ୟ ପକ୍ଷରେ ରାସ୍ତା ପ୍ରଶସ୍ତୀକରଣ ନାମରେ କାକଟପୁର-ନିମାପଡ଼ା ଓ କାକଟପୁରରୁ-କୋଣାର୍କ ମୁଖ୍ୟ ରାସ୍ତାରେ ଥିବା ଶହ ଶହ ଗଛ କଟା ଯାଇଛି। ୩ ବର୍ଷ ବିତି ଯାଇଥିଲେ ମଧ୍ୟ ସେ ସ୍ଥାନରେ ଗୋଟିଏ ବି ଗଛ ଲଗା ଯାଇନାହିଁ। ଗୋଲରାଗଡ଼ ଓ ଗଡନୟରଛଡା ଜଙ୍ଗଲ ଓ ଅଭୟାରଣ୍ୟରୁ ଦିନରାତି କାଠ ଚୋରି ହେଉଛି। ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ତଥ୍ୟ ଅନୁଯାୟୀ କାକଟପୁର ଅସ୍ତରଙ୍ଗ ଅଞ୍ଚଳରେ ଗୋଟିଏ ବି ବେଆଇନ କରତ କଳ ନାହିଁ ବୋଲି ସୂଚନା ଅଧିକାର ଆଇନରେ ତଥ୍ୟ ମିଳିଛି। ତେବେ ବାଜପୁର ଗ୍ରାମର ୫୧୫ ନମ୍ବର ପ୍ଲଟରେ ଏକ ବେଆଇନ କରତ କଳ ରହିଛି। ବାଜପୁର, କେନ୍ଦ୍ରାପାଟି, ଜଳେଶ୍ୱରପଡା, ତାଳଦା, କୁଣ୍ଢେଇ, ଶୁକପୋଖରୀ ସହ ଅସ୍ତରଙ୍ଗର ବିଭିନ୍ନ ଗ୍ରାମାଞ୍ଚଳରେ ଏକାଧିକ ବେଆଇନ କରତ କଳ ରହିଛି। ଏ ଦିଗରେ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



# ନବାଗତ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଡେଲାଙ୍ଗ,୧୯।୧୨(ସମିସ): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନବାଗତ ଶିକ୍ଷକଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରମାନଙ୍କୁ ନୈତିକ, ମୂଲ୍ୟବୋଧ ଭିତ୍ତିକଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁଷମା ଦାଶ ଓ ସଂଯୁକ୍ତା ମିଶ୍ର, ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ପ୍ରହଲାଦ ସ୍ୱାଇଁ, ଗୋଲକବିହାରୀ ବରାଳ, ମିଟୁକିଶୋର ପ୍ରଧାନ ପ୍ରମୁଖ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ଦାସ ସଂଘର ଲକ୍ଷ୍ୟ ଓ କାର୍ଯ୍ୟଧାରା ସମ୍ପର୍କିତ ବିବରଣୀ ପାଠ କରିଥିଲେ। ବରିଷ୍ଠ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଜେନା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ସୂର୍ଯ୍ୟନାରାୟଣ ସେଠୀ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ୪୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଧାୟକ ଶ୍ରୀ ପଟ୍ଟନାୟକ ଉତ୍ତରୀୟ, ପୁଷ୍ପଗୁଚ୍ଛ, ସ୍ମାରକୀ ଫଳକ ଓ ବିଭିନ୍ନ ପ୍ରକାରର ଚାରା ପ୍ରଦାନ କରି ସ୍ୱାଗତ କରିଥିଲେ। ଶିକ୍ଷୟିତ୍ରୀ ସୁଧାଂଶୁବାଳା ପ୍ରଧାନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଂଚାଳନା କରିଥିବା ବେଳେ ଶ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସାଧନ ସଂଯୋଜକ ଅଭିମନ୍ୟୁ ପ୍ରଧାନ, କ୍ଷେତ୍ରବାସୀ ଆଲୁକ, ଶିକ୍ଷକ ଗୋପାଳ ମହାପାତ୍ର, ସୁରେନ୍ଦ୍ର ନାୟକ, ରମେଶବଳ ବନ୍ତରାୟ, ସନ୍ତୋଷ ମିଶ୍ର, ଅଭୟଚରଣ ସାହୁ, ପ୍ରାକ୍ତନ ଶିକ୍ଷକ ଅନନ୍ତ ସାହୁ, ନିରଞ୍ଜନ ସାହୁ, ବିକ୍ରମ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



୧୯/୧୨/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୮୦,୦୬୮/- ସୁନା: ୧୨.୫୫୦ ଗ୍ରାମ୍ ରୁପା: ୧୧୪.୨୦୦ ଗ୍ରାମ୍



## ଶ୍ରୀମନ୍ଦିରରୁ ମନିପର୍ସ ଚୋରି; ମହିଳା ଗିରଫ

ପୁରୀ,୧୯।୧୨(ସମିସ): ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ଭକ୍ତ ଲୁଟ୍‌ର ଶିକାର ହେଉଛନ୍ତି। ବିଶେଷକରି ଭିଡ଼ ଭିତରେ ଏହା ଅଧିକ ମାତ୍ରାରେ ହେଉଛି। ଜଣେ ଭକ୍ତଙ୍କ ମନିପର୍ସ ଚୋରି ଅଭିଯୋଗରେ ସିଂହଦ୍ୱାର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମୟୁରଭଞ୍ଜ ପାଟପୁରର ରଞ୍ଜିତା ବେହେରା (୪୫)। ପୁଲିସ ସୂଚନା ଅନୁଯାୟୀ, ଜମ୍ମୁ କାଶ୍ମୀର ଜାନିପୁର ସୁଭାଷ ଚନ୍ଦ୍ର ଗୁପ୍ତା ପରିବାର ସହ ପୁରୀ ବୁଲିବାକୁ ଅସିଥିଲେ। ଗୁରୁବାର ପୂର୍ବାହ୍ନ ୧୦ଟାରେ ସୁଭାଷ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଇଥିଲେ। ବାହାର କାଠରେ ପ୍ରବଳ ଭିଡ଼ ହୋଇଥିଲା। ଏହି ଗହଳିର ଫାଇଦା ଉଠାଇ ରଞ୍ଜିତା ସୁଭାଷଙ୍କ ମନିପର୍ସ ଚୋରି କରି ଫେରାର୍ ହେଉଥିଲେ। ସୁଭାଷ ପର୍ସ ଚୋରି ହେବା ଜାଣି ଚୋର ଚୋର ବୋଲି ଚିତ୍କାର କରିଥିଲେ। ପାଖରେ ଥିବା ପୁଲିସ କର୍ମଚାରୀ ରଞ୍ଜିତାଙ୍କୁ କାବୁ କରି ସିଂହଦ୍ୱାର ଥାନା ଜିମା ଦେଇଥିଲେ। ଏ ନେଇ ସୁଭାଷ ସିଂହଦ୍ୱାର ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ରଞ୍ଜିତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ମନିପର୍ସ ସହ ୭,୬୦୦ ଟଙ୍କା ଓ ଆଧାର କାର୍ଡ ଜବତ କରିଛି।

## ଫ୍ଲେକ୍ସ ଦୋକାନରେ ଅଗ୍ନିକାଣ୍ଡ

ପୁରୀ,୧୯।୧୨(ସମିସ): ସ୍ଥାନୀୟ କଲେଜ ଛକ ନିକଟରେ ଥିବା ଏକ ଫ୍ଲେକ୍ସ ଦୋକାନରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ କେମିତି ଲାଗିଛି ତାହା ସ୍ପଷ୍ଟ ହୋଇନାହିଁ। ସକାଳ ପ୍ରାୟ ସାଢେ ୬ଟା ସମୟରେ ଫ୍ଲେକ୍ସ ଦୋକାନରେ ନିଆଁ ଲାଗିଥିଲା। ଫଳରେ ନିକଟସ୍ଥ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ଫ୍ଲେକ୍ସ ତିଆରି ସାମଗ୍ରୀ ଓ ମେସିନ ଆଦି ଜଳିଯାଇଛି। ତେବେ ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଏଥିରେ ଜଣେ କର୍ମଚାରୀ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି।

## ବରିଷ୍ଠ ନାଗରିକ ସମ୍ମାନିତ

ପୁରୀ,୧୯।୧୨(ସମିସ): ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ପାଇଁ କାମ କରୁଥିବା ଶ୍ରୀକ୍ଷେତ୍ର କଲୋନୀର ଅରବିନ୍ଦ ଶତପଥୀଙ୍କୁ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବୁଧବାର ମାନପତ୍ର ଉପଢୌକନ ପ୍ରଦାନ କରି ସମ୍ମାନିତ କରିଛି। ଶ୍ରୀ ଶତପଥୀ ହେଉଛନ୍ତି ଶ୍ରୀକ୍ଷେତ୍ର କଲୋନୀ ବରିଷ୍ଠ ନାଗରିକ କ୍ଲବ ସଭାପତି। ଏହି ସମ୍ମାନ ପାଇବାରେ ସେ ପୁରୀର ପ୍ରଥମ ବରିଷ୍ଠ ନାଗରିକ। ସମସ୍ତେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ପୁରୀର ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ହୋଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ସହରର ଅନେକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସଭାପତି ନିରଞ୍ଜନ ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଶ୍ରୀ ଶତପଥୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଦଶାହରେ ଶ୍ରଦ୍ଧାଞ୍ଜଳି

ପୁରୀ,୧୯।୧୨(ସମିସ): ସ୍ଥାନୀୟ ଲୋକନାଥ ରୋଡର ଶିବପ୍ରସାଦ ରଥଙ୍କ ମା' ରକ୍ମଣୀ ରଥଙ୍କ ଦଶାହରେ ଯୋଗଦେଇ ବହୁ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସ୍ୱର୍ଗତା ରଥ ସ୍ଥାନୀୟ ଅଞ୍ଚଳରେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଭାବେ ସୁନାମ ଅର୍ଜନ କରିଥିଲେ। ଗତ ୯ ତାରିଖରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ସୁସ୍ଥ ଅନୁଭବ କରିବାରୁ ପରଦିନ ସକାଳେ ତାଙ୍କୁ ଘରକୁ ନିଆଯାଇଥିଲା। ହେଲେ ସେହିଦିନ ସନ୍ଧ୍ୟାରେ ହଠାତ୍ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁ ବେଳକୁ ଶ୍ରୀମତୀ ରଥଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଗୁରୁବାର ତାଙ୍କର ଦଶାହ ଅବସରରେ ବହୁ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

### ରତ୍ନଭଣ୍ଡାର ମରାମତିର ଦ୍ୱିତୀୟ ଦିନ

# ବାହାର ଭଣ୍ଡାର ଘରେ ବନ୍ଧାହେଲା ଲୁହା ଭାରା

ପୁରୀ,୧୯।୧୨(ସମିସ)

ଆରମ୍ଭ ହୋଇଯାଇଛି ରତ୍ନଭଣ୍ଡାର ମରାମତି କାମ। ମଙ୍ଗଳବାର ଏହା ଆରମ୍ଭ ହୋଇଥିବା ବେଳେ ବୁଧବାର ଦିବା ପହୁଡ଼ ନୀତି ପାଇଁ କାମ ବନ୍ଦ ଥିଲା। ଗୁରୁବାର ଦ୍ୱିତୀୟ ଦିନରେ କାମ କରିବାକୁ ଏଏସ୍‌ଆଇକୁ ସେଭଳି ପର୍ଯ୍ୟାପ୍ତ ସମୟ ମିଳି ନ ଥିଲା। ଦ୍ୱିତୀୟ ଦିନରେ ମାତ୍ର ୧ ଘଣ୍ଟା ୨୫ ମିନିଟ୍ ସମୟ ପାଇଥିଲା ଏଏସ୍‌ଆଇ। ଏହି ସମୟ ମଧ୍ୟରେ କୁଶଳୀ ଶ୍ରମିକଙ୍କୁ ନିୟୋଜିତ କରି ବାହାର ରତ୍ନଭଣ୍ଡାରରେ ଲୁହାଭାରା ବନ୍ଧାଯାଇଛି।

ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଥିଲା। ଫଳରେ ନୀତିକାନ୍ତି ବିଳମ୍ବ ହେବାରୁ ପୂର୍ବରାତ୍ର ପହୁଡ଼ ୧ଟା ୫୦ରେ ହୋଇଥିଲା। ଏହି ବିଳମ୍ବ ଯୋଗୁ ଗୁରୁବାର ଭୋର ୪ଟା ୩୫ରେ ଫିଟିଥିଲା ଦ୍ୱାର। ଯଦିଓ ପୂର୍ବରାତ୍ର ୨ଟାରେ ଦ୍ୱାରଫିଟା ଯିବାକୁ ସ୍ଥିର ହୋଇଛି କିନ୍ତୁ ବିଳମ୍ବ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ତେବେ ଗୁରୁବାର ଅପରାହ୍ନ ୩ଟା ୪୦ରେ ଦ୍ୱିତୀୟ ଭୋଗମଣ୍ଡପ ସରିଥିଲା। ତେଣୁ ୩ଟା ୫୦ରେ କାମ ଆରମ୍ଭ କରିବା ପାଇଁ ଏଏସ୍‌ଆଇକୁ ଅନୁମତି ମିଳିଥିଲା। ଅପରାହ୍ନ ୫ଟା ୧୫ରେ କାମ ବନ୍ଦ କରାଯାଇଥିଲା। ଏହି ସମୟ ମଧ୍ୟରେ ବାହାର ରତ୍ନଭଣ୍ଡାର ଲୁହାଭାରା ବନ୍ଧା ଯାଇଛି। ପ୍ରାୟ ୧୫ ଫୁଟ ଉଚ୍ଚତାରେ ଲୁହା ପାଇପ ବନ୍ଧା ଯାଇଥିବା ବେଳେ ଶୁକ୍ରବାରଠାରୁ ଭିତର ରତ୍ନଭଣ୍ଡାରରୁ ଚୂନ ପ୍ଲାଷ୍ଟର ଛଡ଼ା କାମ ଆରମ୍ଭ ହେବ ବୋଲି ଜଣାପଡିଛି। ଚୂନ ପ୍ଲାଷ୍ଟର ଛଡାଯିବା ପରେ ଜିପିଆର୍ ରିପୋର୍ଟରୁ ବାହାରିଥିବା ଫାଟଗୁଡ଼ିକ ଚିହ୍ନଟ କରାଯିବ। ପ୍ରଭାବିତ ପଥରଗୁଡ଼ିକ ମଧ୍ୟ ପରିବର୍ତ୍ତନ ହେବ। ଆଇରନ ରଡ଼ ବା ଲୁହା ବିମ୍ ମଧ୍ୟ ପରିବର୍ତ୍ତନ କରାଯିବ। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଛନ୍ତି, ୧୭ ତାରିଖରୁ ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସ୍‌ଓପି ଅନୁସାରେ କାମ କରାଯାଉଛି। ବୁଧବାର ମହାସ୍ନାନ ଯୋଗୁ ନୀତିକାନ୍ତି ବିଳମ୍ବ ହୋଇଥିଲା। ତେଣୁ ଶୁକ୍ରବାର କମ୍ ସମୟ ପାଇଛି ଏଏସ୍‌ଆଇ।



ଶ୍ରୀମନ୍ଦିରର ସ୍ଥାୟୀତ୍ୱ ବା ରତ୍ନଭଣ୍ଡାର ମରାମତି ନିଶ୍ଚିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏହି କାମ ୩ ମାସ ଭିତରେ ଶେଷ କରିବ ବୋଲି ଧାର୍ଯ୍ୟ କରିଛି ଏଏସ୍‌ଆଇ। ତେବେ ସମ୍ପୂର୍ଣ୍ଣ ଭାବେ ମରାମତି ସରିବା ପରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ମହାପ୍ରଭୁଙ୍କ ସମସ୍ତ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ପରବର୍ତ୍ତୀ ସମୟରେ ଗଣତି ମଣତି କରାଯିବାକୁ ସ୍ଥିର ହୋଇଥିବା ଜଣାପଡ଼ିଛି।



## ଅସହାୟ, ଗରିବ ରୋଗୀଙ୍କୁ ସହଯୋଗ ପାଇଁ ଶପଥ

ପୁରୀ,୧୯।୧୨(ସମିସ): ପୁରୀ ଜିଲ୍ଲା ସ୍କୁଲ ୧୯୭୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁମିଳନ ପୁରୀ-କୋଣାର୍କ ରୋଡର ଗୀରିଶ ବଗିଚାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ଜଣ ସାଙ୍ଗ ଏକାଠି ହୋଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ସାଧାରଣ ଲୋକଙ୍କ ଭୂମିକା ଓ ପରିବେଶ ସନ୍ତୁଳନ କରିବା ଦିଗରେ ସରକାର ଓ ସାଧାରଣ ବ୍ୟକ୍ତିଙ୍କ ଭିତରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ଆଲୋଚନା ହୋଇଥିଲା। ପରେ ଏକାଠି ଭୋଜିରେ ଆପ୍ୟାୟିତ ହୋଇଥିଲେ। କିଏ ଡାକ୍ତର ଭାବେ ଜୀବନ ଅତିବାହିତ କରି ଅବସର ଜୀବନ କାଟୁଛନ୍ତି ତ କିଏ ଇଞ୍ଜିନିୟର ଭାବେ ସରକାରୀ ସେବା ଯୋଗାଇ ଅବସର ନେଇଛନ୍ତି। ବ୍ୟବସାୟୀ, ସରକାରୀ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ ଭାବରେ ଅବସର ପରେ ବନ୍ଧୁମିଳନ ପର୍ବରେ ସାମିଲ ହୋଇଥିଲେ। ତେବେ ବନ୍ଧୁଙ୍କ ଭଲମନ୍ଦରେ କାର୍ଯ୍ୟସାଧନ କ୍ଷେତ୍ରରେ ହାତ ବଢାଇବା ସହ ଅସହାୟ, ଗରିବ ରୋଗୀଙ୍କୁ ସହଯୋଗ ପାଇଁ ଏହି ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଶପଥ ନେଇଥିଲେ ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ପୁରୀ,୧୯।୧୨(ସମିସ)



ସତ୍ୟବାଦୀ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଦାଶଙ୍କର ୮୦ ବର୍ଷ ବୟସରେ କଟକ ଏସ୍‌ସିବି ମେଡିକାଲରେ ବୁଧବାର ପରଲୋକ ହୋଇଯାଇଛି। କିଛିଦିନ ପୂର୍ବେ ମସ୍ତିଷ୍କ ଆଘାତରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଶକୁନ୍ତଳା ଦାଶ, ବଡ ଝିଅ ବାଣୀପ୍ରସନ୍ନା ଦାଶ, ଜ୍ୱାଇଁ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପୁଅ ସୂର୍ଯ୍ୟପ୍ରସାଦ, ସତ୍ୟପ୍ରସାଦ, ବୋହୂ ଶୁଭଲକ୍ଷ୍ମୀ, ପଲ୍ଲବୀ, ନାତୁଣୀ ଲିକୁନ, ଲିସା, ସାରା, ନାତି ସାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଜିତେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ଅଶୋକ ରାଉତରାୟ, ସୋମନାଇ ମୁଦୁଲି, ପୂର୍ବତନ ବ୍ଲକ ଆମ୍ବା ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ସମାଜସେବୀ ଗୁରୁଦତ୍ତ ସାମନ୍ତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ଦାଶ ନୂଆ ସୋମେଶ୍ୱରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ତାଙ୍କ ଶିକ୍ଷକତା ଜୀବନ ଆରମ୍ଭ କରି ସେହି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ।

## ୨୫ରେ ପୁରୀରେ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ

ପୁରୀ,୧୯।୧୨(ସମିସ)

ବିଶିଷ୍ଟ ସାହିତ୍ୟିକ ଡ. ଲିଙ୍ଗରାଜ ରଥଙ୍କୁ ସ୍ୱତନ୍ତ୍ର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ ପାଇଁ ମନୋନୀତ କରାଯାଇଛି। ବିଶ୍ୱାଳ (କଣାସ, ପୁରୀ), ଶ୍ରୀନିବାସ ବେହେରା (କଳାହାଣ୍ଡି), ପ୍ରଭାତ ନଳିନୀ ସାହୁ (ଯାଜପୁର) ଏବଂ କଳ୍ପନା ମିଶ୍ର (ପୁରୀ)ଙ୍କୁ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ ନିମନ୍ତେ ସ୍ଥିରୀକୃତ କରାଯାଇଛି। ଏହି ସମ୍ମିଳନୀରେ ପ୍ରଫେସର ଦାଶ ବେନହୁର, ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ, ବିଶ୍ୱଭାରତୀ ଶାନ୍ତିନିକେତନର ପ୍ରଫେସର ମନୋରଞ୍ଜନ ପ୍ରଧାନ, ପ୍ରଫେସର ବିଜୟାନନ୍ଦ ସିଂହ, ପ୍ରଫେସର ଲମ୍ବୋଦର ସାହୁ ଏବଂ ସାହିତ୍ୟିକ ନଗେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ଅତିଥି ରୂପେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୩୨ବର୍ଷ ଧରି ଏହି ସମ୍ମିଳନୀ କରାଯାଉଛି। ଏହି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପ୍ରତିନିଧି ଅଂଶଗ୍ରହଣ କରିବେ ବୋଲି ପ୍ରେସ ବିଜ୍ଞପ୍ତି ଜରିଆରେ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ମହାନ୍ତି ଏବଂ ସମ୍ପାଦକ ମହେନ୍ଦ୍ର ବିଶୋଇ ଜଣାଇଛନ୍ତି।

### ୭ ଜଣ ପାଇବେ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସମ୍ମାନ

ଆସନ୍ତା ଡିସେମ୍ବର ୨୫ରେ ପୁରୀ ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀରେ ଏହି ସମ୍ମାନ ପ୍ରଦାନ କରାଯିବ। ଏହା ବ୍ୟତୀତ ଧ୍ରୁବ ଚରଣ ଘିବେଲା (ବୌଦ୍ଧ), କନ୍ଦର୍ପ ବେହେରା (ସମ୍ବଲପୁର), କୃପାସିନ୍ଧୁ

### ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ କର୍ମଚାରୀଙ୍କ ମକ୍‌ଡ୍ରିଲ୍

# ବନ୍ୟା ସମୟରେ ଉଦ୍ଧାର କୌଶଳ ପ୍ରଦର୍ଶନ



ପୁରୀ,୧୯।୧୨(ସମିସ)

ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା। ବିଶେଷକରି ଜିଲ୍ଲାରେ ବନ୍ୟା, ବାତ୍ୟା ଚିର ସହଚର। ତେଣୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଗୁରୁବାର ବୀରହରେକୃଷ୍ଣପୁର ଛକ ନିକଟସ୍ଥ ପୁଷ୍କରିଣୀରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଛି। ଅଗ୍ନିଶମ, ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଯୁଗ୍ମ ମକଡ୍ରିଲ କରାଯାଇଛି। ଏହାକୁ ଏନ୍‌ଡିଆରଏଫ୍ କମାଣ୍ଡର ଧନଞ୍ଜୟ କୁମାର, ପୁରୀ ଆପଦକାଳୀନ ଅଧିକାରୀ ମନୀଷା ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏନ୍‌ଡିଆରଏଫ ପକ୍ଷରୁ ପୁଷ୍କରିଣୀରେ ୪ଟି ବୋଟ ପରିଚାଳନା କରାଯାଇଥିଲା। ବିଶେଷ କରି ବନ୍ୟା ସମୟରେ ବୋଟ କିମ୍ବା ଡଙ୍ଗା ବୁଡିଗଲେ ଏନଡିଆରଏଫ୍ ଟିମ ଖବର ପାଇଁ ତୁରନ୍ତ କିଭଳି ଘଟଣାସ୍ଥଳରେ ପହଞ୍ଚି ପୁଷ୍କରିଣୀ କିମ୍ବା ନଦୀରୁ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ଯୋଗାଇବା ପରେ କିଭଳି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇଥାନ୍ତି ତା'ର ମକଡ୍ରିଲ ପ୍ରଦର୍ଶନ କରିଥିଲେ। ସେହିପରି କେହି ଅଚେତ ଅବସ୍ଥାରେ ଉଦ୍ଧାର ହେଲେ ତାଙ୍କୁ କିପରି ସିପିଆର୍ ଦିଆଯିବ ତାହା ଛାତ୍ରଛାତ୍ରୀଙ୍କୁ ବୁଝାଯାଇଥିଲା। ଏଥିସହ ବନ୍ୟା ତଥା ପ୍ରାକୃତିକ ଦୁର୍ବିପାକ ସମୟରେ ଏନଡିଆରଏଫ୍ ଟିମ ବ୍ୟବହାର କରୁଥିବା ସମସ୍ତ ଆଧୁନିକ ଉପକରଣ ପ୍ରଦର୍ଶନ କରାଯାଇଥିଲା। ଗାଁ ଗହଳିରେ ହାତ ପାହାନ୍ତାରେ ଉପଲବ୍ଧ ଶୁଖିଲା ନଡ଼ିଆ ଓ ପ୍ଲାଷ୍ଟିକ ବୋତଲ ବ୍ୟବହାର କରି କିଭଳି ଲୋକେ ନ ବୁଡିବେ ସେ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ବୁଝାଯିବା ସହ ଡେମୋ ଦେଖାଯାଇଥିଲା। ଅଗ୍ନିଶମ କର୍ମଚାରୀ, ଆପଦ ମିତ୍ର, ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ, ସ୍କୁଲ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ ମେଡିକାଲ ଡା. ବିରଜାଶଙ୍କର ରଥ, ସରପଞ୍ଚ ଧରିତ୍ରୀ ଜେନା, ଡେପୁଟି କଲେକ୍ଟର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।




ORMAS

### ଦକ୍ଷତା ବିକାଶ



ମୁଁ **ପ୍ରଭାକର ବିର** । ମୋ ଘର ଗଜପତି ଜିଲ୍ଲା ଅନ୍ତର୍ଗତ କାଶୀନଗର ବ୍ଲକ୍ ର ସିଦ୍ଧାମଡଙ୍ଗ ଗାଁ ରେ । ମୁଁ +୨ ଉତ୍ତୀର୍ଣ୍ଣ ହେଲା ପରେ ମୁଁ ଏବଂ ଆମ ପରିବାର ନିଜ ଗାଁ ରେ ଛୋଟ ମୋଟ କାମ କରି ବଞ୍ଚି ଯାଉଥିଲୁ । ୨୦୧୮ ମସିହାର ଅକ୍ଟୋବର ମାସ ୧୮ ତାରିଖ ପ୍ରକୃତିର ସେଇ ତାଣ୍ଡବ ଲୀଳା "ତିତିଲି ମହାବାତ୍ୟା" ଆମର ସେଇ ଛୋଟ ମୋଟ ରୋଜଗାରକୁ ଠପ କରିଦେଇଥିଲା। ମୁଁ ଓରମାସ ଦ୍ୱାରା **ଡିଡିୟୁ-ଜିକେୱାଇ ସିକ୍ୟୁରିଟି ଗାର୍ଡ** ରେ ତାଲିମ ନେବା ପାଇଁ ଗଲି । ମୁଁ ତାଲିମ ଶେଷ କରିବାପରେ ମୁଁ ହାଇଦରାବାଦର ବିମାନ ବନ୍ଦରରେ ସିକ୍ୟୁରିଟି ଗାର୍ଡ ଚାକିରି ରେ ନିଯୁକ୍ତି ହେଲି । ସେଠାରେ ମୁଁ ପ୍ରଥମେ ମାସକୁ ପ୍ରାୟ ୧୨,୦୦୦/- ଟଙ୍କା ପାଇଲି। ମୋର କିଛି ଅଭିଜ୍ଞତା ହେଲା ପରେ ମୁଁ ସେ ଚାକିରି ଛାଡିଦେଇ ବର୍ତ୍ତମାନ ଇଣ୍ଡିଗୋ ଏୟାର ଲାଇନ୍ସ ରେ ମାସିକ ୩୦,୦୦୦/- ଟଙ୍କା ପାଉଛି। ସରକାରଙ୍କର ଏହି ଯୋଜନା ପାଇଁ ଆଜି ମୁଁ ଏହି ସଫଳତା ପାଇପାରିଛି । ତେଣୁ ମୁଁ ଜିଲ୍ଲା ପ୍ରଶାସନକୁ ମୁଁ ଅନେକ ଅନେକ ଧନ୍ୟବାଦ ଜଣାଉଛି ।

### ଜୀବିକା

ଓରମାସ୍ ସହାୟତାରେ ଗଜପତି ଜିଲ୍ଲାର ରା. ଉଦୟଗିରି ବ୍ଲକର ରାମଗିରି ଠାରେ ଏକ ହଳଦୀ ଉତ୍ପାଦକ କେନ୍ଦ୍ର ସ୍ଥାପନ କରାଯାଇଅଛି । ଯେଉଁ ଉତ୍ପାଦକ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨୧୫ ଜଣ ମହିଳା ଓ ହଳଦୀ ଚାଷୀ ଉପକୃତ ହେବେ । ତତ୍ ସଙ୍ଗେ ସଙ୍ଗେ ରା. ଉଦୟଗିରି ବ୍ଲକ ଓ ଗୁମ୍ମା ବ୍ଲକରେ ଗ୍ରାମୀଣ ଉଦ୍ୟୋଗ ପାର୍କ ଗଠନ କରିବାକୁ ଯୋଜନା କରାଯାଇଅଛି । ଏହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ମହିଳାମାନେ ଉପକୃତ ହେବା ସହ SHG କୁ SME ରେ ପରିଣତ କରିବା ପାଇଁ ମୁଖ୍ୟ ଲକ୍ଷ୍ୟ । ମୁଖ୍ୟ ମନ୍ତ୍ରୀ ମକା ମିଶନ ଯୋଜନାରେ ମୋହନା ଓ ରା. ଉଦୟଗିରି ବ୍ଲକରେ ଦୁଇଟି ମକା FPO ଓ ଗୋଟିଏ ମକା ପ୍ରକ୍ରିୟା କରଣ କେନ୍ଦ୍ର କରିବା ପାଇଁ ଯୋଜନା କରାଯାଇଅଛି ।

## ହତ୍ୟାକାରୀ ମା'-ପୁଅକୁ ଆଜୀବନ

**ବାଲେଶ୍ୱର, ୧୯ ।୧୨(ସମିସ):** ବାଲେଶ୍ୱର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୩) ସଞ୍ଜୀବ ରଞ୍ଜନ ସାମନ୍ତ ଗୁରୁବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ମା'-ପୁଅକୁ ଦୋଷୀ ସାବ୍ୟସ୍ତ କରିବା ସହ ଉଭୟଙ୍କୁ ଆଜୀବନ ଜେଲ୍ ଓ ୫୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କିରଛନ୍ତି । ଜରିମାନା ଅନାଦେୟ ହେଲେ, ଅଧିକ ଦୁଇବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ହୋଇଛି । ୧୭ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଦୋଷୀଦ୍ୱୟ ହେଲେ, ଜୟନ୍ତୀ ଦଳେଇ ଓ ତାଙ୍କ ପୁଅ ପଦ୍ମଲୋଚନ ଦଳେଇ (୨୧) । ୨୦୨୦ ଜୁନ୍ ୫ ତାରିଖରେ ଘରୋଇ କଳହରୁ ମା'-ପୁଅ ମିଶି ବାପା ମଙ୍ଗୁଲୁ ଚରଣ ଦଳେଇ (୪୫)ଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଅପଚେଷ୍ଟା କରିଥିଲେ ।

ସୂଚନାନୁଯାୟୀ, ଘରୋଇ କଳହକୁ କେନ୍ଦ୍ର କରି ଔପଦା ଥାନା ବିରିହା ଗ୍ରାମର ମଙ୍ଗୁଲୁ ନିଜ ଶୋଇବା ଘର କବାଟ ଦେଇ ଦେହରେ କିରାସିନି ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ନେଇ ପୁଅ ପଦ୍ମଲୋଚନ ଥାନାରେ ଅଭିଯୋଗ କରିଥିଲେ । ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିଲା । କିନ୍ତୁ ବ୍ୟବଚ୍ଛେଦ ରିପୋର୍ଟରୁ ପୁଲିସ୍ ଜାଣିବାକୁ ପାଇଥିଲା ଯେ ମଙ୍ଗୁଲୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କର ମୃତ୍ୟୁ ହୋଇଛି । ପଦ୍ମଲୋଚନ ଓ ମା' ଜୟନ୍ତୀ ମିଶି ମଙ୍ଗଲୁଙ୍କୁ ହତ୍ୟା କରିଛନ୍ତି ବୋଲି ଜଣାପଡ଼ିବା ପରେ ପୁଲିସ୍ ମା'-ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସରକାରୀ ଓକିଲ ପ୍ରହ୍ଲାଦ ଚରଣ ପତି ଏହି ମାମଲା ପରିଚାଳନା କରୁଥିଲେ ।

## ଖେଳ ବେଳେ ବିନ୍ଧିଦେଲେ ମହୁମାଛି

**୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆହତ**

**ଡେରାବିଶ, ୧୯ ।୧୨(ସମିସ):** ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଫକିରାବାଦସ୍ଥ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆଜି ମହୁମାଛି ଆକ୍ରମଣରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି । ସ୍କୁଲ ଖେଳ ପଡ଼ିଆରେ ବାର୍ଷିକ



କ୍ରୀଡ଼ା ଚାଲିଥିବା ବେଳେ ହଠାତ୍ ମହୁମାଛିମାନେ ଆକ୍ରମଣ କରିଥିଲେ । ଆହତମାନଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅବସ୍ଥା ଉଦ୍‌ବେଗଜନକ ରହିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୂଚନାନୁଯାୟୀ, ସ୍କୁଲ ପାଚେରି କଡ଼ରେ ଥିବା ଏକ ଗଛରେ ବାଘୁଆ ମହୁମାଛି ଏକ ବସା କରିଥିଲେ । କେହି ଦୁର୍ବୃତ୍ତ ବସାକୁ ଟେକା ପକାଇବାରୁ ଏହି ଅଘଟଣ ଘଟିଥିବା କୁହାଯାଉଛି ।

## ଚୁଲି ନିଆଁରେ ପୋଡ଼ିଗଲେ ମହିଳା

**କେନ୍ଦ୍ରାପଡ଼ା,୧୯ ।୧୨(ସମିସ):** ରୋଷେଇ କରୁଥିବା ବେଳେ ଚୁଲି ନିଆଁରେ ପୋଡ଼ି ହୋଇ ଜଣେ ମହିଳା ପ୍ରାଣ ହରାଇଛନ୍ତି । ମୃତ ମହିଳାଜଣଙ୍କ ହେଲେ, ମାର୍ଶାଘାଇ ବ୍ଲକର ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ନଛିପଡ଼ା ଗ୍ରାମର ପ୍ରଶାନ୍ତ ପରିଡ଼ାଙ୍କ ପତ୍ନୀ ମାନସୀ ପରିଡ଼ା । ଗତ ୧୨ତାରିଖ ମଧ୍ୟାହ୍ନରେ ଘର ଅଗଣାରେ ଥିବା ଏକ ଚୁଲିରେ ମାନସୀ ରୋଷେଇ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା । ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଛି ।

## ତାମିଲନାଡୁରେ ଦାଦନଶ୍ରମିକଙ୍କୁ ହତ୍ୟା

**ସୋନପୁର/ତରଭା, ୧୯ ।୧୨(ସମିସ):** ପେଟ ଚାଖଣ୍ଡକ ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯାଇଥିବା ଜଣେ ଯୁବକ ହତ୍ୟାର ଶିକାର ହୋଇଛନ୍ତି । ସେ ହେଲେ, ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ପୁଆ ଗାଁର ଧ୍ରୁବଳେଶ୍ୱର ସେଠ । ସେ ତାମିଲନାଡୁର ଭେପଡ଼ାଇସ୍ଥିତ ରାଜଗୁରୁ ଟେକ୍ସଟାଇଲ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସଂସ୍ଥାରେ



କାମ କରୁଥିଲେ । ଗତ ୧୭ ତାରିଖରେ କେହି ଦୁର୍ବୃତ୍ତ ସେଠାରେ ତାଙ୍କୁ ହତ୍ୟା କରିଛି ବୋଲି ପରିବାରଲୋକେ

**ଅର୍ଥାଭାବରୁ ଫେରିପାରୁନି ଶବ**

ଅଭିଯୋଗ କରିଛନ୍ତି । ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲା, ସେ ସଂପର୍କରେ ଜଣାପଡ଼ିନାହିଁ । ଘଟଣାର ଉପଯୁକ୍ତ ତଦନ୍ତ କରି ହତ୍ୟାକାରୀକୁ ଧରିବା ପାଇଁ ପରିବାରଲୋକେ ସ୍ଥାନୀୟ ପୁଲିସ୍ ନିକଟରେ ଦାବି କରିଛନ୍ତି । ଅପରପକ୍ଷେ, ବ୍ୟବଚ୍ଛେଦ ସରିଥିଲେ ମଧ୍ୟ ଅର୍ଥାଭାବରୁ ପରିବାରଲୋକ ଧ୍ରୁବଳେଶ୍ୱରଙ୍କ ମୃତଦେହକୁ ଗାଁକୁ ଆଣିପାରୁନାହାନ୍ତି । ତେଣୁ ସେମାନେ ସ୍ଥାନୀୟ ପ୍ରଶାସନର ସହାୟତା ଲୋଡ଼ିଛନ୍ତି । ପରିବାରଲୋକେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ଯାଇ ତାମିଲନାଡୁରୁ ମୃତଦେହ ଆଣିବା ପାଇଁ ଅନୁରୋଧ କରିଛନ୍ତି । ଏ ସଂପର୍କରେ ସ୍ଥାନୀୟ ଶ୍ରମ କମିସନର୍ ଦିଲେଶ୍ୱର ଖାଖା କହିଛନ୍ତି ଯେ ମୃତଦେହ ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଇଛି । କମ୍ପାନୀ ଅଧିକାରୀଙ୍କ ସହ କଥା ହୋଇଛୁ, ଶୁକ୍ରବାର ସକାଳେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ମୃତଦେହ ପଠାଇବା ପାଇଁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସେ କହିଛନ୍ତି ।

## ୫ ଲକ୍ଷ ଇନାମୀ ମହିଳା ମାଓବାଦୀର ଆତ୍ମସମର୍ପଣ

**ମାଲକାନଗିରି,୧୯ ।୧୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲାରେ ୫ ଲକ୍ଷ ଇନାମୀ ଜଣେ ମହିଳା ନକ୍ସଲ ପୁଲିସ ନିକଟରେ ଆତ୍ମସମର୍ପଣ କରିଛି । କେରଲାପାଲ ମାଓ କମିଟିର କମାଣ୍ଡର ହାଡମା ମାଡଭି ଅନେକ ବର୍ଷ ଧରି ମାଓ ସଙ୍ଗଠନରେ ରହି ବଡ଼ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିଲା । ସରକାରଙ୍କ ପକ୍ଷରୁ ଏହି ମହିଳା ନକ୍ସଲ ନାମରେ ୫ଲକ୍ଷର ପୁରସ୍କାର ରାଶି ଥିବା ବେଳେ ଏହି ମହିଳା ନକ୍ସଲ ମାଓ ସଙ୍ଗଠନ ଛାଡ଼ିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଛି । ପୁଲିସ ଅଧୀକ୍ଷକ ଗୌରବ ରାୟ, ଅତିରିକ୍ତ ପୁଲିସ ଅଧୀକ୍ଷକ ରାମକୁମାର ବର୍ମନଙ୍କ ନିକଟରେ ସେ ଆତ୍ମସମର୍ପଣ କରିଥିବା ବେଳେ ଥଇଥାନ ନୀତି ଅନୁଯାୟୀ ୨୫ହଜାର ଟଙ୍କାର ସହାୟତା ରାଶି ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି । ଏହି ଆତ୍ମସମର୍ପଣ ନୀତିରେ ଆକୃଷ୍ଟ ହୋଇ ବର୍ତ୍ତମାନ ସୁଦ୍ଧା ୮୮୭ ନକ୍ସଲ ଦନ୍ତେୱାଡା ଜିଲ୍ଲାରେ ଆତ୍ମସମର୍ପଣ କରିଥିବା ନେଇ ପୋଲିସ ସୂଚନା ଦେଇଛି ।

■ ନକଲି ଦେଶୀ ମଦ କାରଖାନା ଠାବ

## ବାପା, ପୁଅ ସମେତ ୫ ଗିରଫ

**ବ୍ରହ୍ମପୁର/କୁକୁଡ଼ାଖଣ୍ଡି, ୧୯ ।୧୨(ସମିସ):** ବ୍ରହ୍ମପୁର ନିମଖଣ୍ଡି ଥାନା ତଥା କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଜଗଦଲପୁର ଗାଁରୁ ନକଲି ଦେଶୀ ପାଉଚ୍ ମଦ କାରଖାନା ଠାବ ହୋଇଛି । ଏହି ମଦ କାରଖାନା ଚଳାଉଥିବା ବାପା, ପୁଅ ଓ ବଡ଼ ମାଆଙ୍କୁ ମିଶାଇ ମୋଟ ୫ଜଣଙ୍କୁ ଅବକାରୀ ଗୁଇନ୍ଦା ବିଭାଗ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ, ଜଗଦଲପୁରର ବୁଲୁ ଦାସ, ତାଙ୍କ ପୁଅ ବାବୁଲି ଦାସ, ବଡ଼ମାଆ କବିତା ଦାସ, ଚମାଖଣ୍ଡିର ନିରଞ୍ଜନ ରେଡ୍ଡି ଓ କଳିଆବାଲିର ପି ଗଣେଶ ରେଡ୍ଡୀ । ସେହିପରି ଅନ୍ୟ ଜଣେ ଅଭିଯୁକ୍ତ କୁହାଯାଉଥିବା ଘୋଡ଼ାଗୋପଲ୍ଲୀର ପି. ରଘୁନାଥ ରେଡ୍ଡୀ ଫେରାର୍ ହୋଇଯାଇଛି । ପୁଲିସ୍ ଉକ୍ତ କାରଖାନାରୁ ୧୧୪୦ ଲିଟର ଦେଶୀ ମଦ ପାଉଚ, ବିପୁଳ ପରିମାଣର ପଲିଥିନ, ୨ଟି ପ୍ୟାକିଂ ମେସିନ ଜବତ କରିଛି ।

**ବଲାଙ୍ଗିର ଜିଲ୍ଲାରେ ବେହାଲ ଧାନ କିଣା**

# ମଣ୍ଡିରେ ପଡ଼ିଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ

**ବଲାଙ୍ଗିର,୧୯ ।୧୨(ସମିସ):** ବଲାଙ୍ଗିର ଜିଲ୍ଲାରେ ଧାନକିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି । ମିଲର୍ଙ୍କ ମନମାନି, କଟ୍ନି-ଛଟ୍ନି, ଅଖାବସ୍ତା କିଣାରେ ଜୁଲମ୍, ଏଫ୍‌ଏକ୍ୟୁ-ନନ୍‌ଏଫ୍‌ଏକ୍ୟୁ ଆଦି ସମସ୍ୟା ଭିତରେ ଠପ୍ ପଡ଼ିଯାଇଛି ଧାନକିଣା । ମଣ୍ଡିରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ି ରହିଥିବା ବେଳେ ଗୋଟିଏ ପରେ ଗୋଟିଏ ଅଦିନିଆ ବର୍ଷା ଓ କୋହଲା ପାଗ ଚାଷୀକୁ ଡରାଇବାରେ ଲାଗିଛି । ଏସବୁ ଅବ୍ୟବସ୍ଥା ଯୋଗୁଁ

■ ମାନ ପରୀକ୍ଷା ନ ହୋଇ କିଣାଯାଇଥିବା ଅଭିଯୋଗ

■ ପୁଇଁନ୍ତଲା ମଣ୍ଡିରୁ ଆସିଲା ଅବ୍ୟବସ୍ଥାର ଚିତ୍ର

କେବଳ ଚାଷୀ ହିଁ କ୍ଷତିଗ୍ରସ୍ତ ହେଉଛି । ପୂରା ଜିଲ୍ଲା କଥା ଛାଡ଼, ଜିଲ୍ଲା ମୁଖ୍ୟାଳୟରୁ ମାତ୍ର କେଇ କିଲୋମିଟର ଦୂରରେ ଥିବା ମଣ୍ଡିକୁ ଦେଖିଲେ, ଜିଲ୍ଲାରେ ଧାନକିଣା ଅବ୍ୟବସ୍ଥା ଜଳଜଳ ଦିଶୁଛି ।

ଜିଲ୍ଲାରେ ଧାନକିଣା ଆରମ୍ଭ ହେବା ଦିନଠାରୁ ଅବ୍ୟବସ୍ଥା ଓ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସୁଛି । ୧୫ଦିନରେ ବହୁ କଷ୍ଟରେ ୨ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ହୋଇଥିବା ବେଳେ ସମସ୍ତ ମଣ୍ଡି ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ । ଅପରପକ୍ଷେ, ଯେଉଁ ସବୁ ମଣ୍ଡି ଆରମ୍ଭ ହୋଇଛି, ସେହି ମଣ୍ଡିରେ ଅବ୍ୟବସ୍ଥା ଚରମସୀମାରେ ପହଞ୍ଚିଛି ।

ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର କିଛି କିମି ଦୂରରେ ରହିଛି ପୁଇଁନ୍ତଲା ପ୍ରାଥମିକ ସେବା ସମବାୟ ସମିତି । ଏହି ମଣ୍ଡିରେ ବହୁ ଚାଷୀ ନିଜ ଧାନ ଆଣି ପକାଇ ରଖିଥିବା ବେଳେ ବୁଧବାର ରାତିରେ ପ୍ରଶାସନିକ ଅଧିକାରୀମାନଙ୍କ ଅନୁରୋଧକ୍ରମେ ମିଲର୍ ଜଣେ ଚାଷୀଙ୍କ ଗୋଟିଏ ଗାଡ଼ି ଧାନ ଉଠାଇଥିବା ଜଣାପଡ଼ିଛି । ଏନେଇ ଏହି ମଣ୍ଡିରେ ଧାନ ଆଣି ରଖିଥିବା ପୁଇଁନ୍ତଲାର ଚାଷୀ ପ୍ରଶାନ୍ତ ରାଉତ ଅଭିଯୋଗ ଆଣିଛନ୍ତି । ତାଙ୍କ କହିବା ଅନୁସାରେ, ଗତ ୬ ତାରିଖରେ ତାଙ୍କୁ ଟୋକନ୍ ଦିଆଯାଇଥିଲା । ସେ ଗତ ୮ ତାରିଖରୁ ୭୫କ୍ୱିଣ୍ଟାଲ ଧାନ



ଆଣି ମଣ୍ଡିରେ ପକାଇଛନ୍ତି । ୧୦ ଦିନରୁ ଊର୍ଦ୍ଧ୍ୱ ହେଲା ସେ ଧାନ ଆଣିଥିବା ବେଳେ ତାଙ୍କ ଧାନ କିଣାଯାଇନାହିଁ । ତାଙ୍କ ଧାନକୁ ନନ୍-ଏଫଏକ୍ୟୁ କହି କିଣାଯାଇ ନ ଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଧାନକୁ ବିନା କଟ୍ନି-ଛଟନିରେ କିଣାଯାଇଥିବା ସେ ଅଭିଯୋଗ କରିଛନ୍ତି । ଯଦି ବିନା ମାନ ପରୀକ୍ଷା କରି ଅନ୍ୟଚାଷୀଙ୍କ ଧାନ ବିନା କଟନିରେ ନିଆଯାଉଛି, ତେବେ ତାଙ୍କ ଧାନ କାହିଁକି ନିଆଯିବ ନାହିଁ ବୋଲି ସେ କହିଛନ୍ତି ।

ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି, ଉକ୍ତ ମଣ୍ଡିରେ ଅଖା ବସ୍ତା ପ୍ରତି ମଣ୍ଡିରେ ୨୦ଟଙ୍କା ସଂଗ୍ରହ କରାଯାଉଛି । ତାହା ପୁଣି ନିମ୍ନମାନର ଅଖାବସ୍ତା । ତେବେ ଟଙ୍କା ସଂଗ୍ରହ ବିଷୟକୁ ନିଜେ ମଣ୍ଡିର ଡିଇଓ ସ୍ୱୀକାର କରିଛନ୍ତି । ମିଳିଥିବା ସୂଚନାନୁସାରେ, ଏହି ମଣ୍ଡିରେ ୪୩୦ ଚାଷୀ ରହିଥିବା ବେଳେ ୧୯ ହଜାର ୯୨୦ କ୍ୱିଣ୍ଟାଲ ଧାନ ସଂଗ୍ରହ ଟାର୍ଗେଟ୍ ରହିଛି । ୪ଜଣ ମିଲରଙ୍କୁ ଏହି ମଣ୍ଡିରେ ଧାନ କିଣିବା ପାଇଁ ଟ୍ୟାଗିଂ କରାଯାଇଛି । ଶ୍ରୀ ଗଣେଶ ପେଡ୍ଡି ପ୍ରୋସେସିଂକୁ ୬୪୧୦ କ୍ୱିଣ୍ଟାଲ, ଭଗବତୀ ରାଇସ୍ ମିଲକୁ ୩୨୧୦ କ୍ୱିଣ୍ଟାଲ, ପୁରୁଷୋତ୍ତମ ଫୁଡ୍ ପ୍ରଡକ୍ଟକୁ ୭୩୦୦ କ୍ୱିଣ୍ଟାଲ ଓ ରାଧାକ୍ରିଷ୍ଣା ରାଇସ ମିଲକୁ ୩୦୦୦ କ୍ୱିଣ୍ଟାଲ ଧାନ କିଣିବାକୁ କୁହାଯାଇଛି ।

ତେବେ ୧୮୨ କ୍ୱିଣ୍ଟାଲକୁ ଛାଡ଼ିଦେଲେ କୌଣସି ବି ମିଲର୍ ଏହି ମଣ୍ଡିରୁ ଧାନ ଉଠାଇ ନଥିବା ଜଣାପଡ଼ିଛି । ଯଦି ଜିଲ୍ଲା ପ୍ରଶାସନର ଆଖି ତଳେ ଥିବା ମଣ୍ଡିର ଏଭଳି ଅବସ୍ଥା, ତେବେ ଜିଲ୍ଲାର ଅନ୍ୟ ମଣ୍ଡି କଥା ପଚାରେ କିଏ । ଗତ କିଛି ଦିନ ଭିତରେ ମିଲରଙ୍କ ମନମାନି ପଦାରେ ପଡ଼ିଥିବା ବେଳେ ମିଲ ମାଲିକଙ୍କ ଆଗରେ ପ୍ରଶାସନ ଅସହାୟ ଥିବା ଦେଖିବାକୁ ମିଳିଛି । ଲୋକଦେଖାଣିଆ ଭାବେ ୪ ମିଲ୍କୁ ନୋଟିସ୍ କରାଯାଇଥିବା ବେଳେ ଜିଲ୍ଲାର ଅନେକ ଏମିତି ମିଲର ରହିଛନ୍ତି, ଯେଉଁମାନେ କି ଧାନ ଉଠାଇ ନାହାନ୍ତି । ଏହିଭଳି ଅବ୍ୟବସ୍ଥା ଲାଗି ରହିଲେ, ସ୍ୱାଭାବିକ ଭାବେ ଜିଲ୍ଲାର ଚାଷୀ ପ୍ରଭାବିତ ହେବ ବୋଲି ଅଭିଯୋଗ ହେଉଛି ।

## ବର୍ଷିଲେ ନରସିଂହ

**ବଲାଙ୍ଗିର, ୧୯ ।୧୨ (ସମିସ):** ବଲାଙ୍ଗିର ଜିଲ୍ଲାରେ ଧାନକିଣା ଅବ୍ୟବସ୍ଥାକୁ ନେଇ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ୩୧ଶହ ଟଙ୍କାରେ ଧାନ କିଣିବେ ବୋଲି କହିଥିଲେ । କିନ୍ତୁ ସେମାନେ ଧାନ ହିଁ କିଣୁନାହାନ୍ତି । ସରକାର ଏଭଳି ବ୍ୟବସ୍ଥା କରିଛନ୍ତି ଯେ ଚାଷୀ ଧାନ ବିକି ପାରୁନାହିଁ । ସବୁ ମଣ୍ଡିରେ ଦୁଇଟି ମେସିନ୍ ରହିବା କଥା । ଗୋଟିଏ ମେସିନ ଧାନର ଏଫ୍‌ଏକ୍ୟୁ ମାନ ବିଷୟରେ ସୂଚନା ଦେବ । ଧାନ କାହିଁକି ଏଫଏକ୍ୟୁ ମାନର ନୁହେଁ, ସେଥିରୁ ଏକ ରସିଦ୍ ବାହାରିବ । ଅନ୍ୟ ମେସିନ୍ ସେହି ନନ୍-ଏଫଏକ୍ୟୁ ଧାନକୁ ଏଫଏକ୍ୟୁ କରିଦେବ । ଫଳରେ ଚାଷୀ ଧାନ ବିକ୍ରି କରିପାରିବେ । କିନ୍ତୁ ଜିଲ୍ଲାର କୌଣସି ମଣ୍ଡିରେ ସେ ମେସିନ୍ ନାହିଁ । ସେହିପରି କଟ୍ନି-ଛଟ୍ନି ବନ୍ଦ ହୋଇନାହିଁ । ପୂର୍ବାପେକ୍ଷା ଏହା ଅଧିକ ହେଉଛି । ଫଳରେ ଚାଷୀ କ୍ଷତି ସହୁଛି । ମଣ୍ଡି ଖୋଲି ଦିଆଯାଇଛି କିନ୍ତୁ ଧାନ କିଣାଯାଉ ନାହିଁ । ଯାହାର ଧାନ ଅମଳ ହୋଇନାହିଁ, ତାକୁ ଟୋକନ ମିଳିଛି । ଯାହାର ଧାନ ଅଛି, ତାକୁ ଟୋକନ୍ ମିଳିନାହିଁ । ଏମିତିରେ ଜିଲ୍ଲାରେ ଧାନକିଣା ଚରମ ଅବହେଳିତ ହୋଇ ପଡ଼ିରହିଛି ବୋଲି ଶ୍ର ମିଶ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି ।

## ନକ୍ସଲଙ୍କ ପାଇଁ ଭାଲୁ ପରିବାର ନିଶ୍ଚିହ୍ନ

**ବୋମା ବିସ୍ଫୋରଣରେ ମା'ର ମୃତ୍ୟୁ, ଭୋକ ବିକଳରେ ମରିଗଲେ ୨ ଶାବକ**

**ମାଲକାନଗିରି,୧୯ ।୧୨(ସମିସ):** ନକ୍ସଲଙ୍କ ପାଇଁ ଗୋଟିଏ ଭାଲୁ ପରିବାର ପୂରା ନିଶ୍ଚିହ୍ନ ହୋଇଯାଇଛି । ମାଲକାନଗିରି ସୀମାନ୍ତ ଛତିଶଗଡ଼ ଦନ୍ତେୱାଡ଼ା ଜିଲ୍ଲାର ବାରସୁର ଥାନା ଅନ୍ତର୍ଗତ କୋହକାବେଡ଼ା ଜଙ୍ଗଲରେ ଘଟିଥିବା ଏପରି ଏକ ଘଟଣା ବନ୍ୟପ୍ରାଣୀପ୍ରେମୀଙ୍କୁ ମର୍ମାହତ କରିଛି । ସୂଚନାନୁଯାୟୀ, ସୁରକ୍ଷା ବାହିନୀକୁ ଟାର୍ଗେଟ୍ କରି ମାଓବାଦୀମାନେ ଜଙ୍ଗଲରେ ଆଇଇଡି (ବିସ୍ଫୋରକ) ଖଞ୍ଜିଥିଲେ । ତେବେ ଜଙ୍ଗଲରେ ବୁଲୁଥିବା ଏକ ମାଈ



ଭାଲୁର ଗୋଡ଼ ତା' ଉପରେ ପଡ଼ିଯିବାରୁ ତାହା ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା ଓ ଘଟଣାସ୍ଥଳରେ ହିଁ ଭାଲୁଟିର ମୃତ୍ୟୁ ହୋଇଯାଇଥିଲା । ଅପରପକ୍ଷେ, ମା' ଭାଲୁର ମୃତ୍ୟୁ ଯୋଗୁଁ ତା'ର ୨ ଶାବକ ଭୋକ ବିକଳରେ ଆଉଟୁପାଉଟୁ ହୋଇ ପ୍ରାଣ ହରାଇଥିଲେ । ଖବର ପାଇ ପୁଲିସ ଓ ବନ କର୍ମଚାରୀ ସେଠାରେ ତଦନ୍ତ ଆରମ୍ଭ କରିଛନ୍ତି ।

## ମହାପ୍ରଭୁଙ୍କ ଜମି ହଡ଼ପ; ୬ ଗିରଫ

**ପୁରୀ,୧୯ ।୧୨(ସମିସ):** ମହାପ୍ରଭୁଙ୍କ ମୂଲ୍ୟବାନ ଜମି ହଡ଼ପ ମାମଲାରେ ବାସେଳିସାହି ଥାନା ପୁଲିସ୍ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ, ଶିଶୁଳ ବେହେରା, ସଞ୍ଜୟ ବେହେରା, ଯଶୋବନ୍ତ ବେହେରା, ମୋହନ ବେହେରା, ରତ୍ନାକର ବେହେରା ଓ ବାବୁ ବେହେରା । ଅଭିଯୁକ୍ତମାନଙ୍କ ଘର ମାର୍କଣ୍ଡେଶ୍ୱର ସାହି ଅନ୍ତର୍ଗତ ଗୋଖାସାହିରେ । ସେମାନେ ମାଟିତୋଟା ଅଞ୍ଚଳରେ ମହାପ୍ରଭୁଙ୍କ ଜମି ଜବରଦଖଲ କରି ନୋଟରୀ ମାଧ୍ୟମରେ ବେଆଇନ ଭାବେ ଅନ୍ୟକୁ ବିକ୍ରି କରିଥିଲେ । ଏନେଇ ଶ୍ରୀମନ୍ଦିର ଓଏସ୍‌ଡି (ରାଜସ୍ୱ) ଶିବଶଙ୍କର ସାହୁ ବାସେଳିସାହି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ୍ ୭ଜଣଙ୍କ ନାଁରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବେଳେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଛି ।

ଅଭିଯୋଗ ଅନୁଯାୟୀ, ବାସେଳି ସାହି ଥାନା ଅନ୍ତର୍ଗତ ମାଟିତୋଟା ମୌଜାରେ ମହାପ୍ରଭୁଙ୍କର ୬୪ ଏକର ୮୮ ଡେସିମିଲ ଜମି ରହିଛି । ୟୁନିଟ୍-୧ ଖାତା ନମ୍ବର ୩୮ରେ ୧୦୯ଟି ରାଜସ୍ୱ ପ୍ଲଟ୍‌ରୁ ବେଆଇନ ଭାବେ କେତେକ ପ୍ଲଟ୍ ଜବରଦଖଲ ହୋଇ ହସ୍ତାନ୍ତର ବା ନୋଟାରୀ ମାଧ୍ୟମରେ ବିକ୍ରି କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ଏହା ଜାଣିବା ପରେ ବାସେଳି ସାହି ଥାନାରେ ଏତଲା ଦେବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବ୍ୟକ୍ତିଗତ ଭାବେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ କଥା ହୋଇଥିଲେ । ବେଆଇନ ଭାବେ ଜମି ହାତେଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଯିବା ସହ ବାସେଳି ସାହି ଥାନାରେ ଅଭିଯୋଗ ହୋଇଥିଲା । ଏହି ୧୦୯ଟି ପ୍ଲଟରୁ କିଛି ପ୍ଲଟକୁ ମହାବୀର ଜନ ସେବା ସଂଘ କ୍ଲବ ବେଆଇନଭାବେଜବରଦଖଲକରିପରେନୋଟରୀ ମାଧ୍ୟମରେ ବେଆଇନ ଭାବେ ବିକ୍ରି କରିଥିଲା । ଯେଉଁ ପ୍ଲଟ୍ ଉପରେ ମନ୍ଦିର ପ୍ରଶାସନ ଥାନାରେ ଅଭିଯୋଗ କରିଥିଲା ସେ ବାବଦରେ ସଂଘ ସଦସ୍ୟ ୨୮ ଲକ୍ଷ ଟଙ୍କା ଆଦାୟ କରିଥିବା ବାସେଳିସାହି ଥାନାଧିକାରୀ ମାନସ ବାରିକ କହିଛନ୍ତି ।

**ମହଙ୍ଗା ପଡ଼ିଲା ରାସ୍ତାରେ ଶୁଆଇ ବାଇକ୍ ଚାଳକଙ୍କ ଉପରେ ଚଢ଼ିବା**

## ଦବଙ୍ଗ ପୁଲିସ୍ ଅଧିକାରୀଙ୍କୁ ବଦଳି

**କଟକ, ୧୯।୧୨ (ସମିସ):** ଜଣେ ବ୍ୟକ୍ତିଙ୍କ ପିଠି ଉପରେ ଗୋଡ଼ ରଖି ଛିଡ଼ା ହେବା ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ରାସ୍ତା ଉପରେ ଆଣ୍ଠେଇଦେବା ଭଳି ଘଟଣା ବୈଦେଶ୍ୱର ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀଙ୍କୁ ମହଙ୍ଗା ପଡ଼ିଛି । ଏପରି ଦବଙ୍ଗଗିରି ଦେଖାଇବା ଘଟଣାରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଶ୍ରୀ ସେଠୀଙ୍କୁ ସେ ଏସ୍‌ପି ଅଫିସ୍‌କୁ ବଦଳି କରିଦେଇଛନ୍ତି ।

ସୂଚନାନୁଯାୟୀ, କଟକ ଜିଲ୍ଲା ବାଙ୍କୀ ବୈଦ୍ୟେଶ୍ୱର ଥାନା ନିକଟସ୍ଥ ଟି-ସେତୁରେ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ବାଇକ୍ ଚାଳକଙ୍କୁ ଶ୍ରୀ ସେଠୀ ଅଟକାଇଥିଲେ । କୌଣସି କାରଣରୁ ଦୁହିଁଙ୍କ ମଧ୍ୟରେ ବଚସା ହେବାରୁ ଏଥିରେ ରାଗିଯାଇ ଶ୍ରୀ ସେଠୀ ଉକ୍ତ ବାଇକ୍ ଚାଳକଙ୍କୁ ରାସ୍ତା ଉପରେ ଶୁଆଇଦେଇ ତାଙ୍କ ପିଠି ଉପରେ ଛିଡ଼ା ହୋଇଯାଇଥିଲେ । ଖାଲି ସେତିକି ନୁହେଁ, ବାଇକ୍‌ରେ ଥିବା ଅନ୍ୟ ଜଣଙ୍କୁ ମଧ୍ୟ ଆଣ୍ଠେଇ ଦେଇଥିଲେ । ତେବେ ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଥିଲା । ଜଣେ ପୁଲିସ୍ ଅଧିକାରୀଙ୍କ ଏଭଳି ଅମାନୁଷିକ ତଥା ବର୍ବରୋଚିତ କାଣ୍ଡକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା । କଟକ ଗ୍ରାମାଞ୍ଚଳ ଏସ୍‌ପି ଶ୍ରୀ ସିଂହଙ୍କର ଏହା ଦୃଷ୍ଟିଗୋଚର ହେବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ତାଙ୍କୁ ବୈଦେଶ୍ୱର ଥାନା ଅଧିକାରୀଙ୍କୁ ବଦଳି କରିଛନ୍ତି ।

## ଏସ୍‌ସିବିରେ ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି କେବେ: ହାଇକୋର୍ଟ

**କଟକ,୧୯ ।୧୨(ସମିସ):** କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ସମସ୍ୟା ପ୍ରସଙ୍ଗରେ ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରିଛନ୍ତି । ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲରେ ଗତ ସେପ୍ଟେମ୍ବର ମାସରୁ ସ୍ଥାୟୀ ଅଧୀକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇନଥିବା ପ୍ରସଙ୍ଗରେ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଆଜି ଜବାବ ତଲବ କରିଛନ୍ତି । ନ୍ୟାସନାଲ ମେଡିକାଲ କମିସନ (ଏନ୍‌ଏମ୍‌ସି)ର ଧାର୍ଯ୍ୟ ନିୟମ ଅନୁସାରେ ନିୟମିତ ଅଧୀକ୍ଷକ ନିଯୁକ୍ତି କେବେ ହେବ, ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ । ମାମଲାର ଶୁଣାଣି ବେଳେ ଆଜି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍ ଓ ଏସ୍‌ସିବି ମେଡିକାଲର ଇନ୍‌ଚାର୍ଜ ଅଧୀକ୍ଷକ ଡା. ଲୁସି ଦାସ ଭର୍ଚୁଆଲରେ ଉପସ୍ଥିତ ଥିଲେ । ଗତ ଅଗଷ୍ଟ ୩୧ରେ ତତ୍କାଳୀନ ଅଧୀକ୍ଷକଙ୍କ ଅବସର ପରେ ଅସ୍ଥାୟୀ ଭାବେ ଉଭୟ ଡିନ୍ ଓ ଅଧୀକ୍ଷକ ପଦ ଦାୟିତ୍ୱରେ ରହିଥିଲେ ଡା. ଲୁସି ଦାସ । ସେହିପରି ମେଡିକାଲରେ ଡାକ୍ତର, ନର୍ସିଂ ଅଫିସର ଓ ଅନ୍ୟାନ୍ୟ ଖାଲି ପଦବି ପୂରଣ ଦିଗରେ ପଦକ୍ଷେପ ନିଆଯାଇଥିବା ନେଇ ଅଧୀକ୍ଷକ ଅବଗତ କରାଇଥିଲେ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରି ପ୍ରଥମ ସପ୍ତାହକୁ ଧାର୍ଯ୍ୟ କରାଯାଇଛି ।

## ନିଖିଳ ଉତ୍କଳ ଦର୍ଶନ ପରିଷଦର ବାର୍ଷିକ ଅଧିବେଶନ

**ଭୁବନେଶ୍ୱର, ୧୮ ।୧୨(ସମିସ):** ନିଖିଳ ଉତ୍କଳ ଦର୍ଶନ ପରିଷଦର ସପ୍ତତ୍ରିଂଶତ୍ତମ ବାର୍ଷିକ ଅଧିବେଶନ ଆସନ୍ତା ଜାନୁଆରି ୨୩ ଓ ୨୪ ତାରିଖରେ ସ୍ଥାନୀୟ କମଳା ନେହରୁ ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ହେବ । ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଦର୍ଶନ ବିଭାଗଠାରେ ପରିଷଦର କାର୍ଯ୍ୟକାରୀ କମିଟିର ଏକ ଜରୁରୀ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି । ବାର୍ଷିକ ଅଧିବେଶନରେ ସାରା ରାଜ୍ୟରୁ ଦର୍ଶନଶାସ୍ତ୍ରର ଅଧ୍ୟାପକ, ଛାତ୍ର ତଥା ଦର୍ଶନପ୍ରେମୀ ବ୍ୟକ୍ତିମାନେ ଯୋଗଦେବେ ବୋଲି ପରିଷଦର ସାଧାରଣ ସମ୍ପାଦକ ଡକ୍ଟର ସଚ୍ଚୀନ୍ଦ୍ର ରାଉଳ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ଚାକିରି ଦେବା ନାଁରେ ୨୧ଲକ୍ଷ ଠକେଇ

**ବ୍ରହ୍ମପୁର, ୧୯ ।୧୨ (ସମିସ):** ଚାକିରି ଦେବା ନାଁରେ ଜଣେ ଯୁବକଙ୍କଠାରୁ ୨୧ ଲକ୍ଷ ଟଙ୍କା ଠକେଇ ହୋଇଛି । ଠକେଇର ଶିକାର ଯୁବକଜଣଙ୍କ ହେଲେ, ଛତ୍ରପୁର ରେଳବାଇ କଲୋନୀରେ ରହୁଥିବା ଆର. ରାଜେଶ କୁମାର ରେଡ୍ଡୀ । ୨ବର୍ଷ ତଳେ ବ୍ରହ୍ମପୁରରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କୁ ସରକାରୀ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ପର୍ଯ୍ୟାୟକ୍ରମେ ୨୧ଲକ୍ଷ ଟଙ୍କା ନେଇଥିଲା । କିନ୍ତୁ ଟଙ୍କା ନେବାର ଦୀର୍ଘ ମାସ ପରେ ତାଙ୍କୁ ଚାକିରି ମିଳି ନଥିଲା । ରାଜେଶ ଟଙ୍କା ଫେରସ୍ତ ମାଗିବାରୁ ଉକ୍ତ ବ୍ୟକ୍ତିଜଣଙ୍କ ତାଙ୍କୁ ଧମକଚମକ ଦେଇଥିଲା । ଶେଷରେ ନିରାଶ ହୋଇ ରାଜେଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

**ମହତାବ ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ**

## 'ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଦୂରଦୃଷ୍ଟି ଆବଶ୍ୟକ'

**ଚମ୍ପୁଆ,୧୯ ।୧୨(ସମିସ):** ଜ୍ଞାନ ହିଁ ଶକ୍ତି । ଏହାର ଉପଯୋଗରେ ସମୃଦ୍ଧ ଦେଶ ଗଠନ କରାଯାଇପାରିବ । ଓଡ଼ିଶାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି । ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ସମସ୍ୟାକୁ ଅନୁଧ୍ୟାନ କରାଯିବା ସହ ଆଗାମୀ ଦିନରେ ଏହାର ସୁଧାର କରାଯିବ । ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି ।




କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ନାଏକ ସମ୍ମାନିତ ଅତିଥି ଏବଂ ବଡ଼ବିଲ କଲେଜର ପୂର୍ବତନ ଅଧକ୍ଷ ମାଧବ ଚନ୍ଦ୍ର ମିଶ୍ର, ଆଇଆଇଟି ସଦସ୍ୟ ସତ୍ୟଜିତ ପଣ୍ଡା ପ୍ରମୁଖ ବକ୍ତା ଭାବେ ଯୋଗଦେଇ ମତ ରଖିଥିଲେ । ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ କେକ୍ କାଟିଥିଲେ । ପୂର୍ବତନ ଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକମାନଙ୍କୁ ସମ୍ମାନିତ କରଯାଇଥିଲା । ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ହାସଲ କରିଥିବା ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ମରଣିକା ପୁସ୍ତକର ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଆଲୁମିନି ଛାତ୍ର ସଭାପତି ଗଙ୍ଗାଧର କର, ସମ୍ପାଦକ ସୁଶାନ୍ତ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ । ମହତାବ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ବର୍ତ୍ତମାନର ଛାତ୍ରଛାତ୍ରୀ ଓ ଜନସାଧାରଣ ଯୋଗ ଦେଇଥିଲେ ।

# କାର୍ଯ୍ୟକ୍ଷମ ହୋଇପାରୁନି ଅତ୍ୟାଧୁନିକ ମାଛ ମାର୍କେଟ୍

ନୟାଗଡ଼, ୧୯।୧୨(ସମିସ)



ନୟାଗଡ଼ ସହର ଖଣ୍ଡପଡ଼ା ରାସ୍ତାରେ ନବନିର୍ମିତ ସ୍ୱାସ୍ଥ୍ୟପ୍ରଦ ମାଛ ବଜାର ପିଣ୍ଡି ଆବଣ୍ଟନ ନଭେମ୍ବର ୨୮ ତାରିଖ ଲଟେରୀ ଉଠାଣ ଶେଷ ହୋଇଛି। କେଉଁ ପିଣ୍ଡିରେ କିଏ ବ୍ୟବସାୟ କରିବେ ତାହା ଚୟନ ହୋଇଛି। ଏହି ଲଟେରୀ ଉଠାଣରେ ୪୪ ଜଣ ବ୍ୟବସାୟୀଙ୍କୁ ପିଣ୍ଡି

## ■ ଛେଳି, କୁକୁଡ଼ା କାଟିବାକୁ ବ୍ୟବସ୍ଥା ନାହିଁ

ଆବଣ୍ଟନ କରାଯାଇଥିଲା। ନୟାଗଡ଼ ସହରରୁ ୨୮ ଜଣ ମାଛ ବ୍ୟବସାୟୀ ଏବଂ ୧୬ ଜଣ ଚିକେନ, ମଟନ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ଚୟନ କରାଯାଇଥିଲା। ମାତ୍ର ଲଟେରୀ ଉଠାଣରେ ମାଛ ମାର୍କେଟ କାର୍ଯ୍ୟକ୍ଷମ କରାଯିବା ସୀମିତ ରହିଛି। ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କର ଆନ୍ତରିକତା ନ ଥିବା କାରଣରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ସହରରେ ରହିଥିବା ସମସ୍ତ ଆମିଷ ବ୍ୟବସାୟୀ ଉକ୍ତ ସ୍ଥାନକୁ ନିଆଯିବା ଦିଗରେ ପୌର ପରିଷଦ ଆନ୍ତରିକତା ପ୍ରକାଶ କରୁନାହିଁ। ଏହି ଦୁଇ ସପ୍ତାହ ମଧ୍ୟରେ ପୌର କର୍ମଚାରୀ ମାଛ ଓ ମାଂସ ବ୍ୟବସାୟୀଙ୍କୁ ଆଦୌ ସଚେତନ କରିନାହାନ୍ତି କି ଉକ୍ତ ମାର୍କେଟ କାର୍ଯ୍ୟକ୍ଷମ କରାଇବା ପାଇଁ ପଦକ୍ଷେପ ନେଇନାହାନ୍ତି। ଲଟେରୀ ଉଠାଣ କରି ପୌର ପରିଷଦ ନିଜ ଦାୟିତ୍ୱ ଶେଷ କରିଛି। ନୟାଗଡ଼ ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ନ ହେବା ଭଳି ମାଛ ମାର୍କେଟ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ ବୋଲି ଆଲୋଚନା ହେଉଛି। ପୌର ନିର୍ବାହୀ ଅଧିକାରୀ ଅଧିକାଂଶ ସମୟ ହେଡ୍‌କ୍ୱାର୍ଟରରେ ରହୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ମତ୍ସ୍ୟ ବିଭାଗ ତରଫରୁ ୩ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟପ୍ରଦ ଆମିଷ ବଜାର ନିର୍ମାଣ କରାଯାଇଛି। ଏଥିରେ ୬୦ଟି ପିଣ୍ଡି ସହିତ ଶୀତଳଭଣ୍ଡାର ଓ ବ୍ୟବସାୟୀଙ୍କ ପ୍ରତି ସମସ୍ତ ଆନୁସଙ୍ଗିକ ସୁବିଧା ବ୍ୟବସ୍ଥା କରାଯାଇଛି। ସହରରେ ପରିବେଶ ଓ ପରିମଳ ସୁସ୍ଥ ରହିବା ପାଇଁ ପୌର ପରିଷଦ ଅଧୀନରେ ଏହି ଆମିଷ ବଜାର ନିର୍ମାଣ ହୋଇଛି। ଦୀର୍ଘଦିନ ତଳୁ ଏହାର ନିର୍ମାଣ ଶେଷ ହୋଇଥିବା ବେଳେ ଏବେ ବଡ଼ ପ୍ରଶ୍ନ ଉଠାଇଛନ୍ତି ଚିକେନ୍ ଓ ମଟନ ବ୍ୟବସାୟୀ। କୁକୁଡ଼ା ଓ ଛେଳି କାଟିବା ପାଇଁ ପିଣ୍ଡି ବ୍ୟବସ୍ଥା ନ ଥିବା କହିଛନ୍ତି। ଯେଉଁ ଭଳି ପିଣ୍ଡି ନିର୍ମାଣ କରାଯାଇଛି ମାଛ କାଟିବା ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହେବ ବୋଲି କହିଛନ୍ତି। ତା ସହିତ ନିର୍ମାଣ କରାଯାଇଥିବା ଶୀତତାପ ନିୟନ୍ତ୍ରିତ ଷ୍ଟୋରେଜ୍ ରୁମ ଜଣେ ମାଛ ବ୍ୟବସାୟୀଙ୍କୁ ନିଅଣ୍ଟ। ମାଛ ବ୍ୟବସାୟୀମାନେ ମାଛ ଏବଂ ଟ୍ରେ ରଖିବା ପାଇଁ ଆବଶ୍ୟକ ସ୍ଥାନ ଅଭାବ ରହିଛି। କେଉଁଠାରେ ମାଛ ସଂରକ୍ଷିତ କରାଯିବ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଉକ୍ତ ଅତ୍ୟାଧୁନିକ ମାଛ ବଜାର ପ୍ରାଙ୍ଗଣରେ ଛେଳି, କୁକୁଡ଼ା ମାରିବା ପାଇଁ କଂସେଇ ଖାନା ନିର୍ମାଣ କରିବାକୁ ଦାବି ହୋଇଛି। ମୁଖ୍ୟତଃ ସିନ୍ଦୁରିଆ ବଜାର, ହୋମିଓପାଥିକ ଡାକ୍ତରଖାନା ପାଖ, କଲେଜ ରୋଡ଼, ଖଣ୍ଡପଡ଼ା ରୋଡ଼ ଏବଂ ଗୁଣ୍ଡିଚା ମଣ୍ଡି ଉଠାଣିରେ ଆମିଷ ବ୍ୟବସାୟ ଚାଲୁଥିବା ବେଳେ ପୁରୁଣା ମାଛ ମାର୍କେଟରେ ମଧ୍ୟ ଦୁଇ ଚାରିଟି ଦୋକାନ ଖୋଲୁଛି। ସ୍ଥାୟୀ ସମାଧାନ ନିମନ୍ତେ ପୌର ପରିଷଦ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ■ ନୟାଗଡ଼ ଜିଲ୍ଲା ପରିଷଦ

# ୧୧ ବର୍ଷ ଧରି ଡେପୁଟେସନରେ କର୍ମଚାରୀ

ନୟାଗଡ଼, ୧୯।୧୨(ସମିସ): ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ୧୧ ବର୍ଷ ଧରି ଡେପୁଟେସନରେ ଜଣେ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସୁନୀଲ କୁମାର ନାୟକ ୨୦୧୩ ମସିହାରୁ ଜିଲ୍ଲା ପରିଷଦ କମ୍ପ୍ୟୁଟର ପୋଗ୍ରାମର ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି। କେଉଁ ଭଳି ଭାବେ ଜଣେ କର୍ମଚାରୀଙ୍କୁ ବିଭିନ୍ନ ସମୟରେ ଡେପୁଟେସନ୍ ଜରିଆରେ ଗୋଟିଏ ସ୍ଥାନରେ ଅବସ୍ଥାପିତ କରାଯାଇଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦଶପଲ୍ଲା ବ୍ଲକରେ କାର୍ଯ୍ୟରତ କମ୍ପ୍ୟୁଟର ପୋଗ୍ରାମର ଶ୍ରୀ ନାୟକଙ୍କୁ ୨୦୧୩ ମସିହା ଡିସେମ୍ବର ୧୦ ତାରିଖରେ ଡିଆରଡିଏ୍ ଚିଠି ନଂ ୪୭୮୭ରେ ଦଶପଲ୍ଲା ବ୍ଲକରୁ ନୟାଗଡ଼ ଡିଆରଡିଏକୁ ଡେପୁଟେସନ୍ କରଯାଇଥିଲା। ତତ୍କାଳୀନ ଜିଲ୍ଲାପାଳ ଡିଆରଡିଏ କମ୍ପ୍ୟୁଟର ପ୍ରଦୀପ୍ତ କୁମାର ଭୂୟାଁଙ୍କ ସ୍ଥାନରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହା ଅକ୍ଟୋବର ମାସ ୩୧ ତାରିଖରେ ଚିଠି ନଂ ୩୮୯୯ ଅନୁସାରେ ତାଙ୍କ ଡେପୁଟେସନକୁ ବାତିଲ କରାଯାଇଥିଲା। ସେହିବର୍ଷ ନଭେମ୍ବର ୬ ତାରିଖରେ ଚିଠି ନଂ ୩୯୬୦ ଅନୁସାରେ ତାଙ୍କୁ ଜିଲ୍ଲା ପରିଷଦରୁ ରିଲିଭ୍ କରାଯାଇଥିଲା। ୨୦୧୮ ଫେବୃଆରୀ ୨୦ ତାରିଖରେ ପୁଣି ଚିଠି ନଂ ୭୩୫ ଅନୁସାରେ ପ୍ରକଳ୍ପ ନିର୍ଦ୍ଦେଶକ ଦଶପଲ୍ଲା ବ୍ଲକରୁ ସୁନୀଲଙ୍କୁ ଡିଆରଡିଏକୁ ଡେପୁଟେସନରେ ଆସିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡିଆରଡିଏ କମ୍ପ୍ୟୁଟର ପୋଗ୍ରାମର ବିପିନ କୁମାର ସାହୁଙ୍କ ସ୍ଥାନରେ ତାଙ୍କୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରେ ତାଙ୍କୁ ଭାପୁର ବ୍ଲକକୁ ବଦଳି କରାଯାଇଥିବା ବେଳେ ଏବେ ଭାପୁର ବ୍ଲକରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ତାଙ୍କୁ ଡେପୁଟେସନରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଛି। ୨୦୧୩ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଜଣେ କର୍ମଚାରୀ ଲଗାତର ଭାବେ ସେବେକାର ଡିଆରଡିଏ ତଥା ଏବେର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ଭିନ୍ନ ବାର୍ତ୍ତା ଦେଉଛି। ଜନୈକ କର୍ମଚାରୀଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯିବାର କାରଣ କଣ ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲା ପରିଷଦ ସଭାପତି ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଓଡ଼ଗାଁ, ୧୯।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡାଝୋଲା ଫାଣ୍ଡି ନୂଆଗାଁ ବ୍ଲକ ବେରୁହାଁବାରି ପଞ୍ଚାୟତ ତୋଟା ସାହିରେ ଦୀନବନ୍ଧୁ ସାହୁଙ୍କ ପତ୍ନୀ ଗଣ୍ଡେଇ ସାହୁ (୮୪) ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ଏନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ଓଡ଼ଗାଁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ ଗଣ୍ଡେଇ ଗୁରୁବାର ସକାଳେ ନିକଟସ୍ଥ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ତାଙ୍କର ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଏଣେତେଣେ ଖୋଜିଥିଲେ ହେଁ ତାଙ୍କ ପତ୍ତା ପାଇ ନ ଥିଲେ। ଗୁରୁବାର ସକାଳ ୯ଟାରେ ଗଣ୍ଡେଇଙ୍କ ଶବ ପୋଖରୀରେ ଭାସୁଥିବା ଦେଖି ତାଙ୍କୁ ସେଠାରୁ ଉଦ୍ଧାର କରି ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ

ନୟାଗଡ଼, ୧୯।୧୨(ସମିସ): ନୂଆଗାଁ ସଦର ମହକୁମାରେ ଥିବା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦଶପଲ୍ଲା ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ନୂଆଗାଁ ବିଜୁ ଛାତ୍ର ଜନତା ଦଳ ତରଫରୁ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ମହାସଚିବ ଇପ୍ସିତା ସାହୁ, ଉପସଭାପତି ଦେବସ୍ମିତା ଦାସ, ଜିଲ୍ଲା ସଭାପତି ନୀଳମାଧବ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ଉତ୍ସାହିତ କରିବା ସହ ଆଗାମୀ ଦିନରେ କିଭଳି ବିଜୁ ଛାତ୍ର ଜନତା ଦଳରେ ଅଧିକରୁ ଅଧିକ ସଦସ୍ୟ ସାମିଲ ହେବେ ଏ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୁ ଛାତ୍ର ଜନତା ଦଳ ବ୍ଲକ ସଭାପତି ସୁବ୍ରତ ପରିଡ଼ା ପରିଚାଳନା କରିଥିଲେ।

## ● ସଫା ହେଲା କୁଢ଼କୁଢ଼ ଅଳିଆ।

# ୬ ଦିନ ପରେ ଧାରଣାରୁ ଉଠିଲେ ସଫେଇ କର୍ମଚାରୀ



ଖଣ୍ଡପଡ଼ା, ୧୯।୧୨(ସମିସ): ପ୍ରାୟ ୬ ଦିନ ପରେ ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ବିଭିନ୍ନ ୱାର୍ଡରୁ ସଫେଇ କର୍ମଚାରୀ ଅଳିଆ ଉଠାଇଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶରୁ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ମିଳିଥିବା ସୂଚନା ଅନୁସାରେ ଘରୋଇ ସଂସ୍ଥାର ମନମୁଖୀ କାରବାର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ସଂଖ୍ୟାଧିକ ସଫେଇ କର୍ମଚାରୀ ଗତ ୬ ଦିନ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ୨ ଦିନ ହେବ ଏନଏସି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଆନ୍ଦୋଳନରତ କର୍ମଚାରୀଙ୍କ ସହ ଏନଏସି ପ୍ରଶାସନର ଆଲୋଚନା ପରେ ଏବେ ସ୍ଥିତି ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି। ବିଶେଷକରି ଘରୋଇ ସଂସ୍ଥା ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ଥିବା ଦ୍ୱନ୍ଦ ଦୂର ହୋଇଥିବା ନେଇ ଏନଏସି ସୂତ୍ରରୁ ସୂଚନା ମିଳିଛି। ଫଳରେ କୁଢ କୁଢ ଅଳିଆ ଓ ପୂତିଗନ୍ଧମୟ ପରିବେଶରୁ ଅଞ୍ଚଳବାସୀଙ୍କୁ ମୁକ୍ତି ମିଳିଥିବା ସୂଚନା ରହିଛି।

## ■ ଜିଲ୍ଲା ମହୋତ୍ସବ ଶୃଙ୍ଖଳା କମିଟି ବୈଠକ

# ଅତିଥି ଭାବେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ନୟାଗଡ଼, ୧୯।୧୨(ସମିସ): ନୟାଗଡ଼ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, କୃଷକ ମେଳା, ପୁସ୍ତକ ମେଳା ଆସନ୍ତା ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ନୟାଗଡ଼ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ପର୍ବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଏକ ଶୃଙ୍ଖଳା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ୍ ଶୁଶ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଓ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ ପ୍ରମୁଖ ଯୋଗ ଦେଇଥିଲେ।



ଗତ ବର୍ଷ ଅପେକ୍ଷା ଏ ବର୍ଷ ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଯୋଜନା ରହିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ସାଂସ୍କୃତିକ ଦଳ ଆସିବେ। ସାରା ଓଡ଼ିଶାରେ ଭଲ ଉତ୍ପାଦିତ ଜିନିଷକୁ ଏହି ମହୋତ୍ସବରେ ଦେଖିବାକୁ ମିଳିବ। ଏ ବର୍ଷ ମହୋତ୍ସବ ସହିତ ପଲ୍ଲୀଶ୍ରୀ ମେଳା, କୃଷି ମେଳା ଓ ପୁସ୍ତକ ମେଳା ଅନୁଷ୍ଠିତ ହେବ। ୩୦୦ରୁ ଅଧିକ ଷ୍ଟଲ୍ ପଡ଼ିବ ବୋଲି ନୟାଗଡ଼ ବିଧାୟକ ପ୍ରକାଶ କରିଥିଲେ। ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ କିପରି ଟ୍ରାଫିକ ବ୍ୟବସ୍ଥା ଶୃଙ୍ଖଳିତ ହେବ ସେଥିପ୍ରତି ଆରକ୍ଷୀ ଅଧୀକ୍ଷକ ଧ୍ୟାନ ଦେଇଛନ୍ତି। ଦୁର୍ଘଟଣାମୁକ୍ତ ମହୋତ୍ସବ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରତ୍ୟେକ ଦିନ ସାଧା ପୋଷାକଧାରୀ ପୁଲିସ, ଏନସିସି, ସ୍କାଉଟ ଆଣ୍ଡ ଗାଇଡ୍ ଓ ସ୍ୱେଚ୍ଛାସେବୀ ଯୁବକମାନଙ୍କୁ ନିୟୋଜିତ କରାଯିବ। ଲୋକମାନେ କିପରି ସୁବିଧାରେ ଯାତାୟାତ କରିପାରିବେ ସେଥିପାଇଁ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଥିବା ଆରକ୍ଷୀ ଅଧୀକ୍ଷକ ଏସ୍ ଶୁଶ୍ରୀ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ଟ୍ରାଫିକ ଗାଇଡ୍‌ଲାଇନ ନିଆଯିବ। ଉଦ୍‌ଘାଟନୀ ପର୍ବରେ ମୁଖ୍ୟମନ୍ତ୍ରୀ ଆସୁଥିବାରୁ ଆଇନ ଶୃଙ୍ଖଳାକୁ କଡାକଡି କରାଯିବ। ଆଜିର ପ୍ରସ୍ତୁତି ବୈଠକରେ ବିଭିନ୍ନ ପୁଲିସ ଅଧିକାରୀ, ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ, ସମାଜସେବୀ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

# ଆହତ ବାର୍‌ହା ଓ ହରିଣ ଉଦ୍ଧାର

ଓଡ଼ଗାଁ, ୧୯।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ନାଉଖାଲ ନିକଟ ଏକ ପରିତ୍ୟକ୍ତ କୂଅ ମଧ୍ୟରେ ପଡ଼ିଥିବା ଗୋଟିଏ ବାରହାକୁ ବନ ବିଭାଗ ଗୁରୁବାର ସକାଳେ ଉଦ୍ଧାର କରିଥିବା ବେଳେ ଅପରାହ୍ନରେ ସମ୍ଭବ ପରିସରରୁ ଆହତ ଅବସ୍ଥାରେ ଏକ ଚିତ୍ରା ହରିଣକୁ ଉଦ୍ଧାର କରିଥିଲେ। ବନବିଭାଗ ଉଦ୍ୟମ କରି ବାରହାକୁ ପରିତ୍ୟକ୍ତ କୂଅ ଭିତରୁ ଉଦ୍ଧାର କରିବାକୁ ସକ୍ଷମ ହୋଇ ପାରି ନ ଥିବା ବେଳେ ଓଡ଼ଗାଁ ଅଗ୍ନିଶମ ସେବା ବାହିନୀ ଓ ବନ ବିଭାଗ ମିଳିତ ଉଦ୍ୟମରେ ବାରହାଟିକୁ ଉଦ୍ଧାର କରାଯାଇଥିଲା। ତେବେ ବାରହାଟି ସମ୍ପୂର୍ଣ୍ଣ ସୁସ୍ଥ ଥିବାରୁ ତା'କୁ ଗୋଛା ସଂରକ୍ଷିତ ଜଙ୍ଗଲ ଭାଗ ୭ ଅଞ୍ଚଳରେ ଛାଡ଼ି ଦିଆଯାଇଥିଲା। ସେହିପରି ଅନ୍ୟ ଏକ ଘଟଣାରେ ଅପରାହ୍ନରେ ରୋହିବାଙ୍କ ପଞ୍ଚାୟତ ବନଭାଗ ନର୍ସରୀ ସାମ୍ନାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସର ମଧ୍ୟରେ ଚିତ୍ରା ହରିଣଟି ଆହତ ଅବସ୍ଥାରେ ପଡ଼ିଥିବା ଓଡ଼ଗାଁ ବନ ବିଭାଗକୁ ସୂଚନା ମିଳିଥିଲା। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅତି ଚତୁରତା ସହକାରେ ଆହତ ହୋଇପଡ଼ିଥିବା ହରିଣକୁ ଉଦ୍ଧାର କରି ବନ ବିଭାଗ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ଏଠାରେ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ହରିଣଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟର ଅନୁଧ୍ୟାନ ପାଇଁ ହରିଣଟିକୁ ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଅଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ ଜଙ୍ଗଲ ମଧ୍ୟରେ ଛାଡ଼ି ଦିଆଯିବ।

# ରୋଗୀ କଲ୍ୟାଣ ସମିତି ବୈଠକ




ଭାପୁର, ୧୯।୧୨(ସମିସ): ନୟାଗଡ଼ ଜିଲ୍ଲାର ସର୍ବପୁରାତନ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନାର ଭାରପ୍ରାପ୍ତ ମୁଖ୍ୟ ଡାକ୍ତର ବିଶ୍ୱନାଥ ସାହୁଙ୍କ ପରିଚାଳନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ବଡସହରା ପଞ୍ଚାୟତ ସରପଞ୍ଚ ବ୍ରଜକିଶୋର ଆଲୁକ, ଫତେଗଡ଼ ସରପଞ୍ଚ ମଞ୍ଜୁଲତା ସେଠୀ, କେନ୍ଦୁପଲ୍ଲୀ ସରପଞ୍ଚ ତାରେଶ୍ୱର ମାଝୀ, ବ୍ଲକ ସିଡିପିଓ ତୃପ୍ତି ମହାପାତ୍ର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶ ପ୍ରସାଦ ନାୟକ, ଡାକ୍ତର ପ୍ରଦୀପ କୁମାର ପାଇକରାୟ, ଡାକ୍ତର ସତ୍ୟପ୍ରିୟ ସାହୁ, ଗୋଷ୍ଠୀ କାର୍ଯ୍ୟ ପରିଚାଳକ ପ୍ରଭାକର ପଲେଇ, ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର୍ଷଣ ଷଡଙ୍ଗୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ କେଶବ ଚନ୍ଦ୍ର ଦଳେଇ ପ୍ରମୁଖ ଯୋଗଦେଇଥିଲେ। ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଅନ୍ୟାନ୍ୟ ଅସୁବିଧା ସୁଧାର ପାଇଁ ଆଲୋଚନା ହୋଇଥିଲା। ଏହାପରେ ବିଧାୟକ, ବିଡିଓ ଓ ଡାକ୍ତର ଟିବି ନିରାକରଣ ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

# ରୋହିବାଙ୍କ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ

ଓଡଗାଁ, ୧୯।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ରୋହିବାଙ୍କରେ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଉଦଯାପିତ ହୋଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମଶ୍ରୀ ସାବରମତୀ ମୁଖ୍ୟଅତିଥି, ରୋହିବାଙ୍କ ସରପଞ୍ଚ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଦାସ, ରୋହିବାଙ୍କ ଗ୍ରାମ କମିଟି ସଭାପତି ଓ ସମ୍ପାଦକ, ବିଶିଷ୍ଟ ଶିଳ୍ପପତି କୁଲୁ ସୁବୁଦ୍ଧି, ସମାଜସେବୀ ତଥା ପୂର୍ବତନ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସନ୍ତୋଷ କୁମାର ସାହୁ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ସୁନୀତା ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟକୁ ପଲିଥିନ୍ ମୁକ୍ତ କରାଯାଇଥିବାରୁ ପଦ୍ମଶ୍ରୀ ସାବରମତି ଖୁସି ବ୍ୟକ୍ତ କରିଥିଲେ। ଏହା ସହିତ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବାକୁ ହେଲେ ସବୁଜିମା ପାଇଁ ବହୁମାତ୍ରରେ ଗଛ ଲଗାଇବା, ତାର ଯତ୍ନ ନେବା, ପ୍ଲାଷ୍ଟିକ ବର୍ଜନ କରିବା ଆଦିର ବ୍ୟବସ୍ଥା କେବଳ ପିଲାଙ୍କ ଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉତ୍ତମ ତତ୍ତ୍ୱାବଧାନରେ ସମ୍ଭବ ହେବ ବୋଲି ପ୍ରକାଶ କରିଥିଲେ। ଦୀର୍ଘ ଚାରି ଦିନ ଧରି ଅନୁଷ୍ଠିତ ହୋଇଥିବା ବରିଷ୍ଠ ଓ କନିଷ୍ଠ ବର୍ଗର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସନ୍ତୋଷ ନାହାକ, ସୂର୍ଯ୍ୟମଣି ନାୟକ, ବିଜୟ ଲକ୍ଷ୍ମୀ ଦଳେଇ, ଖଗେଶ୍ୱର ବେହେରା, ପଦ୍ମିନୀ ନାୟକ, ପ୍ରିୟଦର୍ଶିନୀ ମହାପାତ୍ର, ବିଶ୍ୱଜିତ୍ ନାୟକ ସହଯୋଗ କରିଥିବା ବେଳେ ରାଧାଗୋବିନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ରାସ୍ତା ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ



କଣ୍ଟିଲୋ, ୧୯।୧୨(ସମିସ): ନୀଳମାଧବ ମନ୍ଦିର ବିକାଶ ପ୍ରକଳ୍ପ କାର୍ଯ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ରହିଛି। ରାଜପଥଠାରୁ ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ୮୦୦ ମିଟର ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରାଯିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟାରମ୍ଭ କରାଯିବା ସହ ମାଳବନ୍ଧ ଉପରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ପୂର୍ବରୁ ମାଳବନ୍ଧ ଉପରେ ଦୀର୍ଘ ବର୍ଷ ଧରି ଚାଲିଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଭଙ୍ଗା ଯାଇଛି। ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ପୋଥାଳ ଓ କଣ୍ଟିଲୋ ସେକ୍ସନ ସହକାରୀ ଯନ୍ତ୍ରୀ ରାମମୋହନ ବେହେରା ଉଚ୍ଛେଦ ପ୍ରକ୍ରିୟା ତଦାରଖ କରିଥିଲେ।

## ଅଙ୍ଗନବାଡି କର୍ମୀଙ୍କୁ ସିଡିପିଓଙ୍କ ଦରମା ବନ୍ଦ ଧମକ

# କାର୍ଯ୍ୟାନୁଷ୍ଠାନ ଦାବିକଲା ଭାରତୀୟ ବିକାଶ ପରିଷଦ

ଖଣ୍ଡପଡ଼ା, ୧୯।୧୨(ସମିସ)

ନିଜର ହକ ମାଗିବାକୁ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଅଙ୍ଗନବାଡି କର୍ମୀ। ତେବେ ସିଡିପିଓ ନାଲି ଆଖି ଦେଖାଇବା ସହ ସୁପରଭାଇଜରଙ୍କ ମାଧ୍ୟମରେ ଦରମା ବନ୍ଦ ପାଇଁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଭାରତୀୟ ବିକାଶ ପରିଷଦ ନୟାଗଡ଼ ଉପ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲା। ତେବେ ଘଟଣାକୁ ପ୍ରାୟ ୧୫ ଦିନ ବିତିଥିବା ବେଳେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନ ନେବାରୁ ଗୁରୁବାର ବ୍ଲକ ସମ୍ମୁଖରେ ଧାରଣା ଦେଇଛି ଭାରତୀୟ ବିକାଶ ପରିଷଦ। ମିଳିଥିବା ଅଭିଯୋଗ ଅନୁଯାୟୀ ବର୍ଷ ବର୍ଷର ଦାବି ଆଉ ହକ ମାଗିବାକୁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ସଂଖ୍ୟାଧିକ ଅଙ୍ଗନବାଡି କର୍ମୀ ଗତ ନଭେମ୍ବର ୨୫ ତାରିଖରେ ଭାରତୀୟ ବିକାଶ ପରିଷଦ ସଂଗଠନ ମାଧ୍ୟମରେ ଭୁବନେଶ୍ୱର ଯାଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଏହି ଘଟଣାକୁ ନେଇ ସିଡିପିଓ କୋଟେଶ୍ୱରୀ କାଭିସେଟ୍ଟୀ ଏବଂ ସୁପରଭାଇଜର ଲକ୍ଷ୍ମୀ ବସନ୍ତରା ଆନ୍ଦୋଳନରେ ସାମିଲ ମହିଳାଙ୍କ ଦରମା ବନ୍ଦ ସହ କାରଣଦର୍ଶାଅ ନୋଟିସ କରିଥିବା ଅଭିଯୋଗ ହୋଇଥିଲା। ଆଜି ପୂର୍ବାହ୍ନରେ ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲେ। ଉଭୟଙ୍କ ବିରୁଦ୍ଧରେ ସଂସ୍ଥା ପକ୍ଷରୁ ସ୍ଥାନୀୟ ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏପରିକି ୭ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଭାପତି ଶ୍ରୀ ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ଏହି ଧାରଣା କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ସଭାପତି ସୁନିତା ପଟ୍ଟନାୟକ, ଜିଲ୍ଲା ମହିଳା ସଭାନେତ୍ରୀ କନକଲତା ପ୍ରଧାନ, ଜିଲ୍ଲା ଅନୁସୂଚିତ ସେଲ ସଭାନେତ୍ରୀ ଲିଲିବାଳା ନାଏକ, ନିର୍ବାଚନମଣ୍ଡଳୀ ଅନୁସୂଚିତ ସେଲ ସଭାପତି ଗଣେଶ୍ୱର ନାଏକଙ୍କ ସମେତ ବହୁ ମହିଳା ଓ ପୁରୁଷ ସାମିଲ ଥିଲେ।



● ବନରକ୍ଷୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ସମସ୍ତ ଅଭିଯୁକ୍ତ ଫେରାର; ପୁଲିସର ତନାଘନା

**ଟାଙ୍ଗୀ,୧୯।୧୨(ସମିସ):** ଗତକାଲି ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ଅଧୀନସ୍ଥ ରଣ୍ଡା ବିଟ୍ ହାଉସ୍ ପରିସରରେ ଜଣେ କାର୍ଯ୍ୟରତ ବନରକ୍ଷୀଙ୍କୁ କାଠ ଫାଳିଆରେ ପାଞ୍ଚ ଜଣ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ଚାନ୍ଦପୁର ଥାନାରେ ହୋଇଥିବା ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଜାରି ରଖିଛି। ତେବେ ସମସ୍ତ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗୁରୁତର ବନରକ୍ଷୀ ଭବାନୀ ପ୍ରସାଦ ପଟ୍ଟନାୟକଙ୍କ ଚିକିତ୍ସା ପରେ ସେ ଘରକୁ ଫେରିଥିବା ଫରେଷ୍ଟର ଗୋଲାପ ସେଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରଣ୍ଡା ଜଙ୍ଗଲ ଦେଇ ଏକ ନଦୀ ପ୍ରବାହିତ ହୋଇଛି। ଏହି ନଦୀରୁ ଚୋରାରେ ବାଲି ନେଉଥିବାରୁ ବନବିଭାଗ ତରଫରୁ ତାଗିଦ କରାଯାଉଥିଲା। ତେବେ କେହି ଜଣେ ବ୍ୟକ୍ତି ଚୋରାରେ ବାଲି ନେଇଯାଇଥିବା ଖବର ପାଇ ରଣ୍ଡା ଗ୍ରାମର ଭାଲୁ ବରାଳଙ୍କ ସମେତ ପାଞ୍ଚ ଜଣ ବିଟ୍ ହାଉସ୍‌ରେ ପ୍ରବେଶ କରି ବନରକ୍ଷୀଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ଗାଳିଗୁଲଜ କରିବା ସହ କାଠଫାଳିଆରେ ଆକ୍ରମଣ କରିଥିଲେ। ଏଥିରେ ବନରକ୍ଷୀ ଶ୍ରୀ ପଟ୍ଟନାୟକଙ୍କ ମୁଣ୍ଡ ଫାଟିଯାଇଥିଲା। ମେଡିକାଲ ହେଲ୍ପ ଲାଇନ୍ ସହାୟତାରେ ସେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ପରେ ସେଠାରୁ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିଲେ। ଏନେଇ ଚାନ୍ଦପୁର ଥାନାରେ ରଣ୍ଡାର ଭାଲୁ ବରାଳ, ମଧୁ ବରାଳ, ରଘୁ ଜେନା, ଭାଗିରଥୀ ଭଞ୍ଜ, ପିଣ୍ଟୁ ମହାନ୍ତି ବିରୋଧରେ ଏକ ମକଦ୍ଦମା କରାଯାଇଥିବା ଆଇଆଇସି ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଫେରାର ଅଛନ୍ତି ଓ ଶ୍ରୀ ପଟ୍ଟନାୟକଙ୍କ ସହ ସେମାନଙ୍କର ପୂର୍ବ ଶତ୍ରୁତା ରହିଥିବା ସୂଚନା ମିଳିଛି।

## ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ଅଭିଯୋଗ

**ବେଗୁନିଆ,୧୯।୧୨(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ଗ୍ରାମସ୍ଥିତ ସିଦ୍ଧେଶ୍ୱରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ସଂପର୍କରେ ଅଭିଭାବକ କୈଳାସ ନାୟକ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଛାତ୍ରଛାତ୍ରୀଙ୍କୁ ମାଗଣା ମଧ୍ୟାହ୍ନଭୋଜନ ଦେବା ପାଇଁ ଅର୍ଥ ବ୍ୟୟବରାଦ କରାଯାଇଥିବା ବେଳେ ତାହା ଅତ୍ୟନ୍ତ ନିମ୍ନମାନର ଓ ଅରୁଚିକର ହୋଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଏପରିକି ତରକାରୀରେ ପେଜ ଅପମିଶ୍ରଣ କରାଯାଉଥିବାର ଖବର ଛାତ୍ରଛାତ୍ରୀମାନେ ଅଭିଭାବକଙ୍କ ନିକଟରେ କହିଛନ୍ତି। ଏନେଇ କୈଳାସ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ ଝଜମନ ପୂଜାରୀଙ୍କୁ ପଚାରିବାରୁ ମଧ୍ୟାହ୍ନଭୋଜନରେ କୌଣସି ତ୍ରୁଟି ନ ଥିବା ସେ କହିଥିଲେ। ଏ ସଂପର୍କରେ ପ୍ରଧାନ ଶିକ୍ଷକ ଶ୍ରୀ ପୂଜାରୀଙ୍କୁ ପଚାରିବାରେ ମଧ୍ୟାହ୍ନଭୋଜନରେ କୌଣସି ପ୍ରକାର ତ୍ରୁଟି ନାହିଁ ବୋଲି କହିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି ବୋଲି ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଏହାର ନିରପେକ୍ଷ ତଦନ୍ତ କରିବାକୁ ଶ୍ରୀ ନାୟକ ଦାବି କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

**ନିରାକାରପୁର,୧୯।୧୨(ସମିସ):** ଗୁରୁବାର ଅପରାହ୍ନ ପ୍ରାୟ ୫ଟା ସମୟରେ ନୂଆ ଜଗନ୍ନାଥ ସଡ଼କର ନାରଗଦାଠାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ, ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ ଖଜୁରୀପଡ଼ାର ହାପି ନାୟକ (୨୫)। ଖବର ପାଇ ସିକୋ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ସରକାରୀ ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାଇକ୍ ଚାଳକ ହାପିଙ୍କର ମୃତ୍ୟୁ ହୋଇଥିବା ବେଳେ ପଛରେ ବସିଥିବା ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ପୁଲିସ ଘଟଣାସ୍ଥଳରୁ ଏକ ନମ୍ବର ବିହୀନ ନୂଆ ବାଇକ୍‌କୁ ଜବତ କରିଛି। ଏନେଇ ସିକୋ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନାଙ୍କୁ ପଚାରିବାରେ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନଥିବା କହିଛନ୍ତି। ଏନେଇ କୌଣସି ରିପୋର୍ଟ ହୋଇନଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞା ରତ୍ନମ୍ବରା କର ସୂଚନା ଦେଇଛନ୍ତି।

# ଜାତୀୟ ରାଜପଥରୁ ୨୩ ଟନ୍ ଗୋମାଂସ ଜବତ

କଣ୍ଟେନରରେ ହେଉଥିଲା ଚାଲାଣ; ଚାଳକ ଗିରଫ | କୋଲକାତାରୁ ହାଇଦ୍ରାବାଦକୁ ଲମ୍ବିଛି ଚେର

ଖୋର୍ଦ୍ଧା,୧୯।୧୨(ସମିସ)



ଗୋଚାଲାଣ ପରେ ଗୋମାଂସ ଚାଲାଣ ବଢ଼ି ଚାଲିଛି। ୧୬ ନମ୍ବର ଜାତୀୟ ରାଜପଥ(ଏନ୍‌ଏଚ୍) ଦେଇ ଦୈନିକ ଶହ ଶହ କଣ୍ଟେନରରେ ଗୋମାଂସ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଗତକାଲି ବିଳମ୍ବିତ ରାତିରେ କୋଲକାତାରୁ ହାଇଦ୍ରାବାଦ ଅଭିମୁଖେ ଏକ କଣ୍ଟେନରରେ ଗୋମାଂସ ଚାଲାଣ ହେଉଥିଲା। ଖବରପାଇ ବଜରଙ୍ଗ ଦଳ କର୍ମକର୍ତ୍ତା ୧୬ ଜାତୀୟ ରାଜପଥର ଚୈତନ୍ୟ ମଠ ନିକଟରେ ଗୋମାଂସ ବୋଝେଇ କଣ୍ଟେନରକୁ ଧରି ଶିଳ୍ପାଞ୍ଚଳ ଥାନା ପୁଲିସ ଜିମା ଦେଇଥିଲେ। ପୁଲିସ କଣ୍ଟେନର ବୋଝେଇ ଗୋମାଂସ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଛି। ସେ ହେଲା, ହରିଆଣା ମେୱାୟତ ଜିଲ୍ଲା ନାଗିନା ଥାନା ଅନ୍ତର୍ଗତ ପୁଥଲିର ତୁଫିକ ଖାନ (୩୮)। ଜବତ ଗୋମାଂସ ୨୩ ଟନ୍ ହେବ ବୋଲି ପୁଲିସ ସୂଚନା ଦେଇଛି। ଗିରଫ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜବତ ମାଂସର ସାମ୍ପୁଲ ପରୀକ୍ଷା ପାଇଁ ପଠାଇଯାଇଛି। ଜବତ ଗୋମାଂସକୁ ଥାନା ପରିସରରେ ରଖାଯାଇଛି। ଏନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, କୋଲକାତାରୁ କଣ୍ଟେନରରେ ଗୋମାଂସ ହାଇଦ୍ରାବାଦ ଆଡ଼କୁ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ବଜରଙ୍ଗ ଦଳ ସଦସ୍ୟ ଖବର ପାଇଥିଲେ। ଗାଡିକୁ ଅଟକାଇବାକୁ ବିଭିନ୍ନ ସ୍ଥାନରେ ଚେଷ୍ଟା କରି ବିଫଳ ହେବା ପରେ, ଶେଷରେ ଜାତୀୟ ରାଜପଥର ଚୈତନ୍ୟ ମଠ ନିକଟରେ ରାତି ପ୍ରାୟ ସାଢ଼େ ଗୋଟେ ସମୟରେ ଅଟକାଇଥିଲେ। ପରେ ପୁଲିସକୁ ଡାକି କଣ୍ଟେନରକୁ ହସ୍ତାନ୍ତର କରିଥିଲେ। ପୁଲିସ କଣ୍ଟେନର ଯାଞ୍ଚବେଳେ ଉକ୍ତ ଗାଡିରେ ପ୍ୟାକିଂ ହୋଇଥିବା ଗୋମାଂସ ଦେଖିବାକୁ ପାଇଥିଲା। ଏନେଇ ପୁଲିସ



ଡ୍ରାଇଭରଙ୍କୁ ଥାନାରେ ପଚରାଉଚୁରା ବେଳେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲା। କୋଲକାତାରୁ ଗୋମାଂସ ସଂଗ୍ରହ କରି ହାଇଦ୍ରାବାଦ ଯାଉଥିବା କହିଥିଲା। ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ବୋଲି ଥାନାଅଧିକାରୀ ଗାୟତ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି, ଏକ ଗୋରୁ ମାଫିଆଙ୍କ ରାକେଟ କୋଲକାତାରୁ ଆନ୍ଧ୍ର ପର୍ଯ୍ୟନ୍ତ କାମ କରୁଛି। ରୀତିମତ ଭାବେ କୋଲକାତାରୁ ଓଡ଼ିଶା ସୀମା ଦେଇ ଆନ୍ଧ୍ରକୁ ଗୋମାଂସ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଗୋ-ମାଫିଆମାନେ ବିଭିନ୍ନ ଛକ ସ୍ଥାନରେ ରହି ଗାଡି ପାସ୍ କରାଇବାରେ ସହଯୋଗ କରୁଛନ୍ତି। ଧରାପଡ଼ିଯିବା ଆଶଙ୍କାରେ ବିଭିନ୍ନ ତରିକାରେ ମାଫିଆମାନେ ଯାତାୟାତ କରୁଛନ୍ତି। ଯେପରି ରାସ୍ତାରେ ଗଲାବେଳେ ଚେକିଂରେ ଧରାପଡ଼ିବେ ନାହିଁ।

## ‘ପରିବେଶ ଓ ଜଳବାୟୁ ପରିବର୍ତ୍ତନ’ ଆଲୋଚନାଚକ୍ର

**ବାଲୁଗାଁ,୧୯ ।୧୨(ସମିସ):** ବାଲୁଗାଁ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଆନୁକୂଲ୍ୟରେ ପରିବେଶ ଓ ଜଳବାୟୁର ପରିବର୍ତ୍ତନ ଦ୍ୱାରା ବାସ୍ତବରେ ସମଗ୍ର ବିଶ୍ୱ କେଉଁ ସମସ୍ୟାଗୁଡ଼ିକ ସମ୍ମୁଖୀନ ହେଉଛି, ଏନେଇ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ରୂପେ ଓଡ଼ିଶାର ପାଣିପାଗ ବିଶେଷଜ୍ଞ ତଥା ସୋଆ ବିଶ୍ୱବିଦ୍ୟାଳୟର ପରିବେଶ ଓ ପାଣିପାଗ ବିଭାଗର ମୁଖ୍ୟ ଡ. ଶରତ ଚନ୍ଦ୍ର ସାହୁ, ମୁଖ୍ୟ ବକ୍ତା ରୂପେ ରାଞ୍ଚି ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଅଶୋକ କୁମାର ଚୌଧୁରୀ, ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଅଶୋକ କୁମାର ପାଣିଗ୍ରାହୀ ଓ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇ ଭାରତ ବର୍ଷ କାହିଁକି ବିଭିନ୍ନ ବାତ୍ୟା ଓ ପ୍ରାକୃତିକ ଦୁର୍ବିପାକର ଶିକାର ହେଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ରୁକ୍ମଣୀ ଦେବୀ ମହାବିଦ୍ୟାଳୟର ଅଧ୍ୟାପକ ବିକାଶ ଚନ୍ଦ୍ର ମହାପାତ୍ର, ସଂଗ୍ରାମ କେଶରୀ ଜେନା, ଟାଙ୍ଗୀ ଡିସିସି ମହାବିଦ୍ୟାଳୟର ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ବାଲୁଗାଁ ମହାବିଦ୍ୟାଳୟର ଛାତ୍ରୀ ଶ୍ଳେଷ୍ମାଶିଖା ସ୍ୱାଇଁ ଓ ଶ୍ରେୟା ଦେଓ ପ୍ରମୁଖ ନିଜର ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରବୀଣ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ.ସୁବାସ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ଶାସ୍ୱତୀ ମହାନ୍ତି ଓ ଅମ୍ରିତା ନନ୍ଦ ପରିଚାଳନା କରିଥିଲେ। ଅଧ୍ୟାପକ ବିଦ୍ୟାଧର ଜୁଝାରସିଂ, ଅଧ୍ୟାପିକା ରୀନା ରାଉତ, ବିଷ୍ଣୁପ୍ରିୟା ସ୍ୱାଇଁ, ଶୁଚିସ୍ମିତା ସ୍ୱାଇଁ, ମନସ୍ୱିନୀ ପଟ୍ଟନାୟକ, ସ୍ୱାତୀ ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ରେନ୍‌ବୋ କ୍ରିକେଟ: ଫାଇନାଲରେ କୁମାରବସ୍ତ

**ବେଗୁନିଆ,୧୯।୧୨(ସମିସ):** ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ଗ୍ରାମର ରେନ୍‌ବୋ କ୍ରିକେଟ କ୍ଲବ ପକ୍ଷରୁ ୩୦ତମ ବାର୍ଷିକ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଭାଲିଆବାଡି ଦଳ ଓ କୁମାରବସ୍ତ ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ପ୍ରଥମେ ଟସ୍ ଜିତି ଭାଲିଆବାଡି ଦଳ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୫୧ ରନ୍ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ କ୍ରିକେଟ ଦଳ ୧୯. ୨ ଓଭରରେ ୮ଟି ୱିକେଟ ହରାଇ ୨୫୨ ରନ୍ କରି ବିଜୟ ହାସଲ କରିଥିଲା। ଏହି ମ୍ୟାଚ୍‌ରେ କୁମାରବସ୍ତ ଦଳର ଗିରି ୪୩ଟି ବଲ୍‌ରୁ ୮୦ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେକ୍ ଆଶିକ ଓ ସନ୍ତୋଷ କୁମାର ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସତ୍ୟ ପ୍ରସାଦ ପ୍ରଧାନ ଓ ତାପସ ବେହେରା ସ୍କୋରର ଭାବେ ସହଯୋଗ କରିଥିଲେ।

## ଟାଙ୍ଗୀ ଓ ଚିଲିକା ଅଞ୍ଚଳରେ ମୃଦୁ ଭୂମିକମ୍ପ

**ଟାଙ୍ଗୀ,୧୯।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଓ ଚିଲିକା ଅଞ୍ଚଳରେ ଭୂମିକମ୍ପର ଝଟ୍‌କା ଅନୁଭୂତ ହୋଇଛି। ଗୁରୁବାର ଅପରାହ୍ନ ୪.୫୧ ସମୟରେ ୧ରୁ ୨ ସେକେଣ୍ଡ ଭୂମିକମ୍ପ ଅନୁଭୂତ ହୋଇଛି। ଫଳରେ କିଛି ଘରେ ଫାଟ ସୃଷ୍ଟି ହେବା ସହିତ ଜିନିଷପତ୍ର ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଯାଇଥିଲା। ଏହା ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ଘରୁ ବାହାରକୁ ପଳାଇ ଆସିଥିଲେ। ଖୋର୍ଦ୍ଧା ଜିଲ୍ଲା ଭୂକମ୍ପ ପ୍ରବଣ ଅଞ୍ଚଳ ହୋଇଥିବାରୁ ପରବର୍ତ୍ତୀ ଭୂକମ୍ପ ଆଶଙ୍କାରେ ଜନସାଧାରଣ ଭୟଭୀତ ଅବସ୍ଥାରେ ରହିଥିବା ଜଣାପଡ଼ିଛି।

## ବିପୁଳ ମଦ ଜବତ; ୩ ଗିରଫ

**ବାଲୁଗାଁ,୧୯।୧୨(ସମିସ):** ସମଗ୍ର ବାଣପୁର ଓ ବାଲୁଗାଁ ତଥା ଚିଲିକା ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣର ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏହାକୁ ଗୁରୁତ୍ୱର ସହ ନେଇ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଗୁରୁବାର ବାଣପୁର ଓ ନାଚୁଣୀ ଥାନା ଅନ୍ତର୍ଗତ ଅଞ୍ଚଳରେ ଚଢ଼ଉ କରି ୧୦୮ ଲିଟର ଦେଶୀ ଓ ୨୯ ବୋତଲ ବିଦେଶୀ ମଦ ଜବତ କରିଛନ୍ତି।



ଏଥିରେ ସଂପୃକ୍ତ ତିନି ଜଣ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ନାଚୁଣୀ ଥାନା ଲୋକିପୁର ଗ୍ରାମର ରାମ ବେହେରା(୬୦)ଙ୍କଠାରୁ ୨୮ ଲିଟର ଦେଶୀ ମହୁଲି ମଦ, ଗମ୍ଭାରୀମୁଣ୍ଡା ଅଞ୍ଚଳର ସ୍ୱସ୍ତିକ ପ୍ରଧାନ(୪୩)ଙ୍କଠାରୁ ୭୫ ବୋତଲ ଦେଶୀ ଓ ୨୯ ବୋତଲ ବିଦେଶୀ ମଦ ଓ ଟାଙ୍ଗୀ ସାହିର ସୁକାନ୍ତ ମଲ୍ଲ (୫୩)ଙ୍କଠାରୁ ୬୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ବାଲୁଗାଁ ଅବକାରୀ ଏସ୍‌ଆଇ ସଞ୍ଜୟ ସୁବୁଦ୍ଧି, ସିପାହୀ ଅଶେଷ ପ୍ରଧାନ, ତୁଷାରକାନ୍ତ ଚମ୍ପତି, ଚିନ୍ମୟୀ ଦାଶ ଓ ଗଣେଶ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ଶିଶୁ ଉତ୍ସବ ଉଦ୍‌ଯାପିତ

**ଖୋର୍ଦ୍ଧା,୧୯।୧୨(ସମିସ):** ଖୋର୍ଦ୍ଧା ଉପକଣ୍ଠ ବିଙ୍କୁଡିଆ ବାଲୁଙ୍କେଶ୍ୱର ଦେବ ହାଇସ୍କୁଲ ପରିସରରେ ଖୋର୍ଦ୍ଧା ବ୍ଲକ ଓଷ୍ଟାର ୪୧ତମ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୧୮ଟି ସ୍କୁଲର ୧୮୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ ୧୦ଗୋଟି ସ୍କୁଲର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ୧୦ଟି ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୦ ଜଣ ଛାତ୍ରଛାତ୍ରୀ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନରେ ମନୋନୀତ ହୋଇ ପୁରସ୍କୃତ ହୋଇଥିଲେ। ଶିଶୁ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦାନ କରି ବିଶ୍ୱକୁ ଏକ ପରିବାର ଭାବି ନୂତନ ବିଶ୍ୱର ସ୍ୱପ୍ନ ଦେଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶ୍ୱରଞ୍ଜନ ବଡ଼ଜେନା ଯୋଗ ଦେଇଥିଲେ। ଶିକ୍ଷାବିତ୍ ଡ. ଧୀରେନ୍ଦ୍ର ନନ୍ଦ, ମାଳିପୁର ସରପଞ୍ଚ ସୁଦାମ ସେଠୀ, ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ଓଷ୍ଟା ଖୋର୍ଦ୍ଧା ସଭାପତି ଅମ୍ବିକାପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମହାପାତ୍ର , ରାଜ୍ୟ ସମ୍ପାଦକ ରମାକାନ୍ତ ମହାପାତ୍ରଙ୍କ ସମେତ ପ୍ରତ୍ୟେକ ବ୍ଲକର ଓଷ୍ଟା କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବେଗୁନିଆ ବ୍ଲକରେ ‘ସୁନିଶ୍ଚିତ’ କାର୍ଯ୍ୟକ୍ରମ

**ବେଗୁନିଆ,୧୯।୧୨(ସମିସ):** ଆଗାମୀ ୨୦୨୫ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଶତ ପ୍ରତିଶତ ପରୀକ୍ଷା ଫଳ ତଥା ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ପାଇଁ ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଏକ "ମୋଟିଭେସନାଲ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବେଗୁନିଆ ମଣ୍ଡଳ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ୩୦ଗୋଟି ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୮୦ରୁ ଅଧିକ ଏ-୧ ଆଶାୟୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଭିନ୍ନ ବିଷୟଗତ ଜଟିଳତାକୁ ପିଲାମାନେ କିପରି ସହଜ, ସରଳ ଭାବେ ବୁଝି ପାରିବେ ସେ ସଂପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଲେଙ୍କା ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ଅଧିବେଶନରେ ପିଲାମାନଙ୍କ ମଧ୍ୟରେ ଏକ ବହୁ ବିକଳ୍ପ ଉତ୍ତର ବିଶିଷ୍ଟ ପରୀକ୍ଷା କରାଯାଇଥିଲା। ଏହାପରେ ବିଭିନ୍ନ ବିଷୟ ଭିତ୍ତିକ ପ୍ରଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱ ଦୂର କରିଥିଲେ। ପ୍ରଶିକ୍ଷକ ଭାବେ ନଳିନୀ ପଣ୍ଡା, ରତିକାନ୍ତ କହଳସିଂହ, ଅକ୍ଷୟ ମହାପାତ୍ର, ଶିବନାରାୟଣ ଦାଶ, ଗଣେଶ୍ୱର ମିଶ୍ର, ଶ୍ରୀନିବାସ ମିଶ୍ର, ହରିବନ୍ଧୁ ତ୍ରିପାଠୀ, ପ୍ରଭାତ କୁମାର ସାହୁ, ସ୍ମୃତିସ୍ମିତା ବେହେରା ଓ ଜ୍ୟୋସ୍ନାରାଣୀ ରଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ମହୋତ୍ସବ କମିଟିକୁ ପୌରପରିଷଦ ଛାଟ

## ମହଙ୍ଗା ପଡ଼ିଲା ପୋଖରୀ ପୋତିବା; ୫୦ ହଜାର ଜରିମାନା

ଖୋର୍ଦ୍ଧା,୧୯।୧୨(ସମିସ)



ସ୍ଥାନୀୟ ହାବେଳୀ ପଡ଼ିଆଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିୟୁ ଥିଙ୍କିଙ୍ଗ୍ ଫୋରମ୍ ଆନୁକୂଲ୍ୟରେ ଖୋର୍ଦ୍ଧା ମହୋତ୍ସବ ଚାଲିଥିବାବେଳେ ଗୁରୁବାର ମହୋତ୍ସବ କମିଟିକୁ ପୌରପରିଷଦର ଛାଟ ବାଜିଛି। ହାବେଳୀ ନିକଟ ଜଳାଶୟ ପୋତିବାକୁ ନେଇ ଆରମ୍ଭରୁ ମହୋତ୍ସବ ବିବାଦରେ ଥିବାବେଳେ ପୋଖରୀ ପୋତିବା ଏବେ କମିଟିକୁ ମହଙ୍ଗା ପଡ଼ିଛି। ବିନା ଅନୁମତିରେ ପୋଖରୀକୁ ବେଆଇନ ଭାବେ ମୋରମ ପକାଇ ପୋତି ତା’ ଉପରେ ମୀନାବଜାର ଓ ବିଭିନ୍ନ ପ୍ରକାର ଦୋଳି ପକାଇ ବେପାର ଚଳାଇଥିବା କମିଟିକୁ ପୌରପରିଷଦ ପକ୍ଷରୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି।

ଏଥିସହିତ ପୋତିଥିବା ପୋଖରୀକୁ ପୁନର୍ବାର ଖୋଳି ପୂର୍ବାବସ୍ଥାକୁ ଫେରାଇ ଆଣିବା ଲାଗି କମିଟିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବ ସୂଚନା ଦେଇଛନ୍ତି। ଏହାକୁ ଅମାନ୍ୟ କଲେ କମିଟି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ତେବେ ପୌରପରିଷଦ ପକ୍ଷରୁ ଏଭଳି ଛାଟ ବାଜିବା ପରେ ଆଜି ସନ୍ଧ୍ୟାରୁ ପୋତା ଯାଇଥିବା ପୋଖରୀ ଉପରେ ପଡିଥିବା ରାମ ଦୋଳି ଓ ‘ମୌତ କା କୂଆଁ’ ବନ୍ଦ ରହିଥିବା ଦେଖାଯାଇଛି।

ଏନେଇ ଆୟୋଜକ କମିଟି ସଦସ୍ୟଙ୍କ ମତାମତ ମିଳିପାରିନାହିଁ। ସୂଚନାଯୋଗ୍ୟ, ମହୋତ୍ସବ ଆୟୋଜକ କମିଟି ହାବେଳୀ ପଡିଆରେ ମହୋତ୍ସବ ପାଇଁ ପୌର ପ୍ରଶାସନଠାରୁ ଅନୁମତି ନେଇଥିଲେ। ମାତ୍ର ଏହା ନିକଟରେ ଥିବା ୨୬୮୬ ପ୍ଲଟ ଜଳାଶୟ ହୋଇଥିବାବେଳେ ବିନା ଅନୁମତିରେ ଟ୍ରିପ ଟ୍ରିପ ମୋରମ ପକାଇ ପୋତିଥିଲେ। ଯାହାକୁ ନେଇ ବିବାଦ ଘନେଇବାରେ ଲାଗିଥିଲା। ଉକ୍ତ ପୋଖରୀକୁ ପୋତିବା ସହିତ ବ୍ୟବସାୟିକ ଲକ୍ଷ୍ୟରେ ସେଠାରେ ରାମଦୋଳି, ମୌତ୍ କା କୁଆଁ ସମେତ ଅନେକ ଖେଳ, ବିଭିନ୍ନ ଷ୍ଟଲ ପ୍ରଭୃତି ଆୟୋଜକ କମିଟି ପକ୍ଷରୁ କରାଯାଇଛି। ସ୍ଥାନୀୟ ଲୋକଙ୍କ ଆପତ୍ତି ଅଭିଯୋଗ ପରେ ଉପଜିଲ୍ଲାପାଳଙ୍କ ନିକଟରେ ଏନେଇ ଅଭିଯୋଗ ହୋଇଥିଲା। ଉକ୍ତ ସ୍ଥାନରେ ତୁରନ୍ତ ୧୫୨ ବିଏନଏସଏସ ଲାଗୁ କରିବାକୁ ସ୍ଥାନୀୟ ଲୋକ ପିଟିସନ ଦାଖଲ କରିଥିଲେ। ଏନେଇ ଉପ-ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ ଚିଠି ସଂଖ୍ୟା ୮୫୬୧/୨୦୨୪ରେ ଖୋର୍ଦ୍ଧା ତହସିଲଦାରଙ୍କୁ ବିବାଦୀୟ ଜମିର ସ୍ୱତଃ ଯାଞ୍ଚ ସହିତ ମହୋତ୍ସବ କମିଟି ନାମରେ ଆସିଥିବା ଅଭିଯୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଖୋର୍ଦ୍ଧା ମହୋତ୍ସବର ପଞ୍ଚମ ସନ୍ଧ୍ୟା

## ଶୀତୁଆ ରାତିରେ ମନମୋହିଲା ଛଉ ନୃତ୍ୟ



**ଖୋର୍ଦ୍ଧା,୧୯।୧୨(ସମିସ):** ସ୍ଥାନୀୟ ହାବେଳୀ ପଡ଼ିଆଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିୟୁ ଥିଙ୍କିଙ୍ଗ୍ ଫୋରମ୍ ଆନୁକୂଲ୍ୟରେ ଚାଲିଥିବା ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଉତ୍ସବର ଆଜିଥିଲା ପଞ୍ଚମ ସନ୍ଧ୍ୟା। ଶୀତ ଯେତିକି ଯେତିକି ବଢୁଛି, ପଡିଆରେ ଦର୍ଶକଙ୍କ ଭିଡ ସେତିକି ସେତିକି ଜମିଥିଲା। ଆଜିର ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ଦେଖିବାକୁ ମିଳିଥିଲା ଝାଡଖଣ୍ଡର କଳାକାରଙ୍କ ଦ୍ୱାରା ପରିବେଶିତ ଛଉ ନୃତ୍ୟ। ଯାହାକି ମଞ୍ଚ ତଳେ ଥିବା ଦର୍ଶକଙ୍କୁ ବେଶ ଆନନ୍ଦ ଦେଇଥିଲା। କମିଟିର ସଭାପତି ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିୟାନ, ସମାଜସେବୀ ଶୋଭନ ଘୋଷ ପ୍ରମୁଖ ମଞ୍ଚାସୀନ ହୋଇ ବୀରଭୂମି ଖୋର୍ଦ୍ଧାର ଗାରିମାମୟ ଇତିହାସ ସଂପର୍କରେ ବଖାଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଫୁଲ ସାମନ୍ତରାୟ, ଅଭିନାଶ ଦଳେଇ, ବିମଳ ସାମନ୍ତରାୟ, ଗୌରୀଶଙ୍କର ତ୍ରିପାଠୀ, ପ୍ଲାବନ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।



